## ଆଜି କ'ଣ କେଉଁଠି

ଯାଜପୁର ଟାଉନ୍

- ଓଡ଼ିଶା ଲେଖିକା ସଂସଦ, ଯାଜପୁର ଶାଖାର ବାର୍ଷିକ ଉତ୍ସବ। ସ୍ଥାନ-ଗୌତମ ବୁଦ୍ଧ ସଂସ୍କୃତି ଭବନ। ସମୟ-ସକାଳ ୯ଟା (ପ୍ରଥମ ଅଧିବେଶନ), ପୂର୍ବାହ୍ନ ୧୧.୩୦ (ଦ୍ୱିତୀୟ ଅଧିବେଶନ)।

## ଚାରାରୋପଣ କରି ବିଧାୟକଙ୍କ ଜନ୍ମଦିନ ପାଳିଲେ



ଚନ୍ଦ୍ରେଇଧରା,୨୩।୭(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ମଧୁପୁରଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଏଥିରେ ଦଳର ସମସ୍ତ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧୦୦ରୁ ଅଧିକ ଫୁଲ, ଫଳ ଓ ଔଷଧୀୟ ଚାରାରୋପଣ କରାଯାଇଥିଲା। ଜନ୍ମଦିନ ପାଳନ ନିମନ୍ତେ ଏକାଠି ହୋଇଥିବା ବିଧାୟକଙ୍କ ସମର୍ଥକ ଓ ଦଳୀୟ କର୍ମୀ କେକ କାଟିବା ସହିତ ମିଷ୍ଟାନ୍ନ ବଣ୍ଟନ କରି ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ଜଗଦୀଶ ଜେନାମଣି, ସରପଞ୍ଚ ରବୀନ୍ଦ୍ର କୁମାର ସେଠୀ, ଯୁବ ସଭାପତି ଦେବରଞ୍ଜନ ଦାସ, ଛାତ୍ର ସଭାପତି ଅନିଲ କୁମାର ବଳ, ପୂର୍ବତନ ସମିତିସଭ୍ୟ ଆଶିଷ କୁମାର ବଳ, ଯୋଗୀଶ୍ୟାମ ବିଶ୍ୱାଳ, ଡାଙ୍ଗ ବିଶ୍ୱାଳ, ମନ୍ମଥ ପରିଡା, ରତ୍ନାକର ସାହୁ, ସୁବ୍ରତ ନାୟକ, ଆରତ ରଣା, ଗୁଣନିଧି ମିଶ୍ର, ରଣଜିତ ଧଳ ଓ ଦୀନେଶ ଧୀରଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଜଟଣୀ,୨୩।୭(ଡି.ଏନ୍.ଏ.): ଜଟଣୀ ଥାନା ଅଧୀନ କୁସୁମାଟି ଗ୍ରାମର ଏକ ପାଇଖାନା ଘରୁ ଶନିବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଝୁମା ମହାନ୍ତି। ଅନ୍ୟପକ୍ଷରେ ଅଧିକ ଯୌତୁକ ଦାବିରେ ତାଙ୍କ ଝିଅକୁ ଶାଶୁଘର ଲୋକେ ମାରି ଟାଙ୍ଗି ଦେଇଛନ୍ତି ବୋଲି ବାପା ଅଶୋକ ମହାନ୍ତି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୬୮/୨୨)ରୁଜୁ କରିବା ସହ ମୃତାଙ୍କ ସ୍ୱାମୀ ସିଦ୍ଧେଶ୍ୱର ପରିଡ଼ାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ୨୦୨୦ ମସିହାରେ କୁସୁମାଟି ଗ୍ରାମର ସିଦ୍ଧେଶ୍ୱରଙ୍କ ସହ ଅଣ୍ଡା ଗ୍ରାମର ଝୁମାଙ୍କ ବିବାହ ହୋଇଥିଲା। ବିବାହ ବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର ୬ ମାସ ପରେ ବାପଘରୁ ଅଧିକ ୨୦ ହଜାର ଟଙ୍କା ଆଣିବା ପାଇଁ ଝୁମାଙ୍କୁ ଶାଶୁଘର ଲୋକେ କହିଥିଲେ। ଝୁମା ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ଶୁକ୍ରବାର ରାତି ୧୧ଟା ୩୦ରେ ଝୁମାଙ୍କ ମୃତ୍ୟୁ ହୋଇଥିବା ବାପଘର ଲୋକେ ଜାଣିବାକୁ ପାଇଥିଲେ। ଖବର ପାଇ ଅଶୋକ ଘଟଣାସ୍ଥଳରେ ପହଞ୍ଚିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଡିଜେଲଠାରୁ କିରୋସିନ ମହଙ୍ଗା

- ଦର ଛୁଇଁଲା ୧୦୨, ବିକ୍ରି ପ୍ରଭାବିତ
- ରିଟେଲର ଓ ହୋଲସେଲରଙ୍କ ମଧ୍ୟରେ ବିବାଦ
- ଦର କମାଇବାକୁ ବିଭିନ୍ନ ମହଲରେ ଦାବି

ଚଣ୍ଡିଖୋଲ,୨୩।୭(ଡି.ଏନ.ଏ.)

ଗରିବ ଲୋକ ଘରେ ଡିବିରି ଓ ଲଣ୍ଠନ ଜାଳିବା ସହ ରନ୍ଧନ ପାଇଁ କିରୋସିନ ବ୍ୟବହାର କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ରିହାତିରେ କିରୋସିନ ଯୋଗାଇ ଦିଆଯାଉଛି। ମାତ୍ର ଏବେ ଏହାର ମୂଲ୍ୟ ୧୦୦ ଟପିଗଲାଣି। ୨୦୨୨ରୁ କିରୋସିନ ଦାମ ଦିନକୁ ଦିନ ବୃଦ୍ଧି ପାଉଛି। ଏପରି କି ୬ ମାସ ମଧ୍ୟରେ ଲିଟରପିଛା ୪୦ ଟଙ୍କା ବୃଦ୍ଧି ପାଇଥିବା ଦେଖାଯାଇଛି। ବର୍ତ୍ତମାନ ଡିଜେଲ ଲିଟର ପିଛା ୯୪.୬୧ ଟଙ୍କା ଥିବାବେଳେ କିରୋସିନ ଲିଟର ୧୦୨ ଟଙ୍କା ହୋଇଛି, ଯାହାକି ଡିଜେଲଠାରୁ କିରୋସିନ ଅଧିକ ଏବଂ ପେଟ୍ରୋଲ ସହ ସମାନ।

ଜାନୁଆରୀରେ କିରୋସିନ ଲିଟର ୬୨ ଟଙ୍କା ଥିବାବେଳେ ଫେବୃଆରୀରେ ଏହା ୧୨ ଟଙ୍କା ବଢି ୭୪ ଟଙ୍କାରେ ପହଞ୍ଚିଥିଲା। ପୁନର୍ବାର ଏପ୍ରିଲରେ ଏହା ଆଉ ୯ ଟଙ୍କା ବଢି ୮୩ ଟଙ୍କା ହୋଇଥିଲା। ୩ମାସ ଦାମ ସ୍ଥିର ରହିଥିବାବେଳେ ଜୁଲାଇରେ ଏହା ୧୦୨ ଟଙ୍କା ହୋଇଛି। ପ୍ରତ୍ୟେକ ବ୍ଲକସ୍ତରରେ ରହିଥିବା ହୋଲସେଲରମାନେ ୯୯ ଟଙ୍କା ମୂଲ୍ୟରେ ରିଟେଲରଙ୍କୁ ଲିଟର ପିଛା ହିସାବରେ ବିକ୍ରି କରିବେ। ଏହାକୁ ରିଟେଲରମାନେ ଆଣି ତାଙ୍କର ଖର୍ଚ୍ଚ ଓ ଲାଭକୁ ମିଶାଇ ୧୦୨ ଟଙ୍କାରେ ବିକ୍ରି କରୁଥିବା ଦେଖାଯାଉଛି। ସେଥିପାଇଁ ରିଟେଲର ଓ ହୋଲସେଲରଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଛି। ଯାଜପୁର ଜିଲା ବଡ଼ଚଣା ବ୍ଲକରେ ସିଟି କିରୋସିନ ହୋଲସେଲର ଭାବେ ନିଯୁକ୍ତି ପାଇଛି। ହେଲେ ଜୁଲାଇରେ କିରୋସିନ ଆଦୌ ନ ଉଠାଇବା ପାଇଁ ନିଷ୍ପତ୍ତି ହୋଇଥିବା ସିଟି କିରୋସିନର ପୋପ୍ରାଇଟର ବଜରଙ୍ଗଲାଲ ଶର୍ମା ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ କୌଣସି ରିଟେଲର ଏତେ ଦାମ ଦେଇ କିରୋସିନ ନେବାକୁ ରାଜି ନୁହନ୍ତି। ଯେହେତୁ ଅତ୍ୟଧିକ ମୂଲ୍ୟ ବୃଦ୍ଧି ପାଇଲା ସେଥିନେଇ ଗ୍ରାହକ ବି କିରୋସିନ ନେବାକୁ ଚାହୁଁନାହାନ୍ତି।

ଅନ୍ୟପକ୍ଷରେ ଏହି ତେଲ ପୂର୍ବରୁ ପରିବାର ପିଛା ୩ ଲିଟର ଦିଆଯାଉଥିଲା। ପରେ ଏହାକୁ ୨.୫ ଲିଟରକୁ କମାଇ ଦିଆଗଲା। ୨୦୨୨ ଜାନୁଆରୀରେ ଏହାକୁ ୧.୨୫୦ ଲିଟର ଲେଖାଏ ପରିବାର ପିଛା ଦିଆଯିବାକୁ ସ୍ଥିର କରାଯାଇଥିଲା। ତେବେ ଚଳିତ ମାସରେ ଏହି କୋଟା କମାଯାଇ ପରିବାରକୁ ୧ ଲିଟର ୧୦୦ ମିଲି ଦେବାକୁ ସରକାରଙ୍କ ପକ୍ଷରୁ ସ୍ଥିର ହୋଇଛି। ତାକୁ ନେବାକୁ ମଧ୍ୟ ଗ୍ରାହକ ଆସୁନାହାନ୍ତି। ସମୟ ଥିଲା ଘରେ ଡିବିରି, ଲଣ୍ଠନ ଜଳାଇବା ପାଇଁ କିରୋସିନର ଯଥେଷ୍ଟ



ଆବଶ୍ୟକତା ରହିଥିଲା। ବର୍ଷାଦିନରେ ରୋଷେଇ ପାଇଁ କିରୋସିନକୁ ବ୍ୟବହାର କରାଯାଉଥିଲା। ପ୍ରତ୍ୟେକ ଗାଁକୁ ବିଦ୍ୟୁତ୍ ଯୋଗାଣ ହୋଇଥିବା ବେଳେ ଏବେବି ବହୁ ଆଦିବାସୀ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ସେମାନେ କିରୋସିନ ଉପରେ ନିର୍ଭର କରି ଚଳିଥାନ୍ତି। ବିଦ୍ୟୁତ୍ କାଟ ସମୟରେ ମଧ୍ୟ କିରୋସିନର ଯଥେଷ୍ଟ ଆବଶ୍ୟକତା ରହିଥାଏ। ତେବେ ମୂଲ୍ୟ ବୃଦ୍ଧି ଯୋଗୁ ସାଧାରଣ ଗରିବ ଲୋକେ କିରୋସିନ କିଣିବା ସମ୍ଭବ ହେଉନାହିଁ, ଏହାଦ୍ୱାରା ସିଧାସଳଖ ଗରିବ, ଦଳିତ ଓ ଆଦିବାସୀ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଦର କମାଇବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ଯାଜପୁର ଜିଲା ସହକାରୀ ଯୋଗାଣ ଅଧିକାରୀ ପ୍ରହ୍ଲାଦ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଅତ୍ୟଧିକ ମୂଲ୍ୟ ବୃଦ୍ଧି ଯୋଗୁ ରିଟେଲର କିରୋସିନ ଉଠାଇବାକୁ ରାଜିନୁହନ୍ତି। ଦୁଇମାସ ହେବ ଜିଲାର ରିଟେଲର କିରୋସିନ ଆଣୁନାହାନ୍ତି। କେବଳ ସେମାନଙ୍କ ପାଖରେ ଗଚ୍ଛିତ ଥିବା କିରୋସିନ ବିକ୍ରି କରୁଥିବେ। ଏପରି କି ମୂଲ୍ୟବୃଦ୍ଧି ଯୋଗୁ ସାଧାରଣରେ କିରୋସିନ ବିକ୍ରି କଷ୍ଟକର ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ଓଡ଼ିଶାରେ ଆୟୋଡିନ୍‌ଯୁକ୍ତ ଲୁଣ ଉପଲବ୍ଧ ଶୀର୍ଷକ କର୍ମଶାଳା

କଟକ ଅଫିସ, ୨୩।୭

ନୂଆଦିଲ୍ଲୀସ୍ଥିତ କଞ୍ଜ୍ୟୁମର ଭଏସ୍ ଓ ଅର୍ଗାନାଇଜେଶନ ଫର୍ କଞ୍ଜୁମର୍ସ ରାଇଟ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ 'ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣର ଆୟୋଡିନ୍‌ଯୁକ୍ତ ଲୁଣ ଓ ସାର୍ବଭୌମିକ ଆୟୋଡିନ ଲୁଣ ଉପଲବ୍ଧ' ଶୀର୍ଷକ ଏକ କର୍ମଶାଳା ହାଇକୋର୍ଟ ବାର୍ ଆସୋସିଏଶନ ସଭାକକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟର ପୂର୍ବତନ ବିଚାରପତି ଅନନ୍ତ ସୂର୍ଯ୍ୟ ନାରାୟଣ ନାଇଡୁ ମୁଖ୍ୟ ପୃଷ୍ଠପୋଷକ ଓ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଞ୍ଜ୍ୟୁମର ଭଏସ୍‌ର ଉପଦେଷ୍ଟା ହେମନ୍ତ ଉପାଧ୍ୟାୟ, ଅଭିଷେକ ମହାନ୍ତି, ସୁରଜ କୁମାର, ରଞ୍ଜନ କୁମାର ଝା, ଡା. ବସନ୍ତ ପ୍ରଧାନ, ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଆୟୋଡିନ ଲୁଣର ଉପକାରିତା ଓ ବିନିଯୋଗ ବିଷୟରେ ମତବ୍ୟକ୍ତ କରିଥିଲେ। ଅର୍ଗାନାଇଜେଶନ ଫର କଞ୍ଜ୍ୟୁମର ରାଇଟ୍‌ର ସଭାପତି ଧ୍ରୁବ ଚରଣ ବାରିକ ଧନ୍ୟବାଦ ଦେଇଥିଲେ।

## ଏସ୍‌ବିଆଇର ରାତ୍ରିକାଳୀନ ଚାଷୀ ଶିବିର



ବ୍ୟାଙ୍କ ପକ୍ଷରୁ ଏସ୍‌ଏଚ୍‌ଜିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଳିଙ୍ଗନଗର,୨୩।୭(ଡି.ଏନ୍.ଏ.)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଯାଜପୁର ରୋଡ ଶାଖା ପକ୍ଷରୁ ରସୁଲପୁର ବ୍ଲକ ଶ୍ରୀବନ୍ତପୁର ପଞ୍ଚାୟତ ବାର୍ଲାଙ୍ଗି-ବାଉଁଶଅଂଟାଠାରେ ଶୁକ୍ରବାର ରାତିରେ ଏକ କୃଷି ଏବଂ ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ 'ମୋ ଗାଁ ମୋ ବ୍ୟାଙ୍କ' ଅନୁଷ୍ଠିତ ହୋଇଯାଇଛି। ଯାଜପୁର ରୋଡ୍ ମଣ୍ଡଳ କ୍ଷେତ୍ରୀୟ ପରିଚାଳକ ପୂର୍ଣ୍ଣେନ୍ଦୁ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏସ୍‌ବିଆଇ ମଣ୍ଡଳ-୨ର ଡିଜିଏମ୍ କୁନ୍ଦନ ଜ୍ୟୋତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି କୁନ୍ଦନ ଜ୍ୟୋତି ଏସ୍‌ବିଆଇ ସର୍ବଦା ଚାଷୀ ଏବଂ ଗ୍ରାହକଙ୍କ ପାଇଁ ସମର୍ପିତ ଥିବା କହିବା ସହିତ ସର୍ବୋତ୍କୃଷ୍ଟ ସେବା ଯୋଗାଇଦେଉଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଚାଷୀମାନଙ୍କ ଉନ୍ନତି ପାଇଁ ବ୍ୟାଙ୍କ ବିଭିନ୍ନ ଋଣ ପ୍ରଦାନ କରୁଛି। କୃଷିପ୍ରଧାନ ଅଞ୍ଚଳ ରସୁଲପୁରର ଚାଷୀମାନେ ବ୍ୟାଙ୍କ ପ୍ରଦତ୍ତ ଋଣ ନେଇ ଠିକ୍‌ସମୟରେ ଋଣ ପରିଶୋଧ କରିବାକୁ ଜ୍ୟୋତି କହିଥିଲେ। ଅତିଥିଭାବେ ରସୁଲପୁର କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ଯୋଗଦେଇ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପାଇବା ନିମନ୍ତେ ଜୁଲାଇ ୩୧ ମଧ୍ୟରେ କୃଷକ ଓଡ଼ିଶା ପୋର୍ଟାଲରେ ପଞ୍ଜୀକରଣକୁ ନିବେଦନ କରିଥିଲେ। ଏହି ଅବସରରେ ୩ ଶ୍ରେଷ୍ଠ ଚାଷୀ ଫକୀର ଚରଣ ନାୟକ, ମାଧବାନନ୍ଦ ସାହୁ, କାମଦେବ ସିଂ ଏବଂ ମା' ସାରଳା ଏସ୍‌ଏଚ୍‌ଜି, ମା' ତାରିଣୀ ଏସ୍‌ଏଚ୍‌ଜି ଏବଂ ଲକ୍ଷ୍ମୀନାରାୟଣ ଏସ୍‌ଏଚ୍‌ଜିଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉମାକାନ୍ତ ପୂଜାରୀ ଅତିଥି ପରିଚୟ ଏବଂ ଯାଜପୁର ଜିଲା ଏଲଡିଏମ୍ ମନୋଜ କୁମାର ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ। ଯାଜପୁର ରୋଡ୍ ଶାଖାର ମୁଖ୍ୟ ପରିଚାଳକ ଅରୁଣ କୁମାର ରାଉତରାୟ, ଓଏଲ୍‌ଏମ୍‌ର ଯାଜପୁର ଡିପିଏମ୍ ପ୍ରଶାନ୍ତ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦେସାହି ବିଦ୍ୟାଳୟରେ ୮ ଶ୍ରେଣୀକୁ ୨ ଶିକ୍ଷକ

### ଆନ୍ଦୋଳନ କରିବାକୁ ଅଭିଭାବକଙ୍କ ଚେତାବନୀ

ସିଂହପୁର,୨୨।୭(ଡି.ଏନ.ଏ.)

ସରକାର ବିଦ୍ୟାଳୟ ରୂପାନ୍ତରଣ କରି ଭିତ୍ତିଭୂମି ସୁଦୃଢ଼ କରିବା ସହ ଶିକ୍ଷା ବ୍ୟବସ୍ଥାକୁ ଉଚ୍ଚକୋଟିର କରୁଛନ୍ତି। ହେଲେ ଶିକ୍ଷକ ଅଭାବରୁ ଅନେକ ବିଦ୍ୟାଳୟରେ ପାଠପଢା ବାଧାପ୍ରାପ୍ତ ହେଉଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକ ଅଧୀନ ଦେସାହି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ୧୯୬୦ରେ ଉକ୍ତ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ସେମାନଙ୍କ ଲାଗି ମାତ୍ର ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ରହିଛନ୍ତି। ଫଳରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଅଭିଭାବକଙ୍କ କହିବା ଅନୁଯାୟୀ ୨ ଶିକ୍ଷକ ଏତେ ପିଲାଙ୍କୁ ପଢାଇବା ତ ଦୂରର କଥା ସେମାନଙ୍କୁ ଜଗିବା ମଧ୍ୟ କଷ୍ଟକର। ତେଣୁ ତୁରନ୍ତ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଦେସାହି ସରପଞ୍ଚ ମୋନାଲିସା ଦାସଙ୍କ ସମେତ ଅଭିଭାବକ ଚେତାବନୀ ଦେଇଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## କଳ୍ପନା ପଣ୍ଡା ଚାରିନଙ୍ଗଳ ପାକ୍ସ ଉପସଭାପତି



ନବନିର୍ବାଚିତ ଉପସଭାପତିଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଉଛି।

ବାଲିଚନ୍ଦ୍ରପୁର,୨୩।୭(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ଉପସଭାପତି ଭାବେ କଳ୍ପନା ପଣ୍ଡା ନିର୍ବାଚିତ ହୋଇଛନ୍ତି। ପଣ୍ଡା ଏକ ମାତ୍ର ପ୍ରାର୍ଥିନୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ଜେନା ତାଙ୍କୁ ଉପସଭାପତି ଘୋଷଣା କରିଥିଲେ। ସମିତି ସଭାପତି ପ୍ରତାପ କୁମାର ନାୟକ, ସଦସ୍ୟ ସେକ୍ ଏମାଉଦ୍ଦିନ୍, ନାରାୟଣ ଦଳାଇ, ମନ୍ମଥ କୁମାର ନାୟକ, ଭିମସେନ୍ ରାଉତ, ଅନନ୍ତ ସିଂହ, ନିରୋଧ ଚନ୍ଦ୍ର ସେନାପତି, ସେକ୍ ଜିଆଉଲ୍ଲା, କୋତବୁଦ୍ଦିନ୍ ଖାଁ, ଜାନକୀ ନାୟକ, ହିମାଂଶୁ ଶେଖର ବଳ, ମାନସ ରଞ୍ଜନ ସାମଲ, ହିମାଂଶୁ ଶେଖର ଦାସ, ଚନ୍ଦ୍ର ଶେଖର ଦଳେଇ, ସମ୍ପାଦକ ଜୟଶ୍ରୀ ଦାସ, ଡିଇଓ ମନୋଜ ମହାରଣା ଓ କର୍ମଚାରୀ ସହଦେବ ଜେନା ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ। ପଣ୍ଡା ବିଜୟୀ ହେବାପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଅନ୍ୟପକ୍ଷରେ ଉପସଭାପତି ପଣ୍ଡା ଓ ଅନ୍ୟ ସଭ୍ୟାସଭ୍ୟ ବିଧାୟକ ଅମର ପ୍ରସାଦ ଶତପଥୀ, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ବ୍ଲକ ଅଧ୍ୟକ୍ଷ ମିନତି ସେନାପତି, ଉପାଧ୍ୟକ୍ଷ ବିଭାଷ ନନ୍ଦ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି ଓ ବିପିନ ବିହାରୀ ଜେନାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବରୁଣେଶ୍ୱର ମହାବିଦ୍ୟାଳୟରେ ଜାତୀୟ ସମ୍ମାନ

ବିଞ୍ଝାରପୁର,୨୩।୭(ଡି.ଏନ.ଏ.)





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ବିଞ୍ଝାରପୁର ବ୍ଲକ ଅଧୀନ ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟରେ ବିଜ୍ଞାନ ସମାଜ ପକ୍ଷରୁ ଏକ ଜାତୀୟ ସମ୍ମାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପ୍ରଫେସର ଭାନୁ ପ୍ରକାଶ ମହାନ୍ତି ଯୋଗଦେଇ ତାଙ୍କ ବକ୍ତବ୍ୟରେ କମ୍ପ୍ୟୁଟର ବନାମ ମାନବ ମସ୍ତିଷ୍କ ଉପରେ ତଥ୍ୟଭିତ୍ତିକ ଆଲୋଚନା ଉପସ୍ଥାପନା କରିଥିଲେ। ସେ କମ୍ପ୍ୟୁଟରର ସୃଷ୍ଟି, ଉପାଦେୟତା ଓ ତାହାର ବ୍ୟବହାର ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ପ୍ରବୀର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ବିଜୟ କୃଷ୍ଣ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ରୋଜିନା ରୋଜାଲିନ ଧନ୍ୟବାଦ ଦେଇଥିଲେ।

## ସାହାସପୁର ମହାବିଦ୍ୟାଳୟରେ ମାନପତ୍ର ପ୍ରଦାନ ଉତ୍ସବ

ବାଲିଚନ୍ଦ୍ରପୁର,୨୩।୭(ସ୍ୱ.ପ୍ର.)



ଜାତୀୟ ସେବା ଯୋଜନାରେ ସ୍ଥାନୀୟ ସାହାସପୁର ମହାବିଦ୍ୟାଳୟଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଶିବିରରେ ସ୍ୱେଚ୍ଛାସେବୀଙ୍କୁ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ତରଫରୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରାଧ୍ୟାପକ ଡ. ମିଳନ କିଶୋର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର କିଶୋର ଚନ୍ଦ୍ର ପରିଡ଼ା, ନଳୀପୁରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଭିଯାନ ସଭାପତି ଅକ୍ଷୟ କୁମାର ମହାନ୍ତି ମୁଖ୍ୟ ଅତିଥି, ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ପ୍ରତାପ ରୁଦ୍ର ସ୍ୱାଇଁ, ସମାଜ ବିଜ୍ଞାନର ଅଧ୍ୟାପକ ସଂଗ୍ରାମ କେଶରୀ ପରିଡ଼ା ଓ ମହାବିଦ୍ୟାଳୟ ବରିଷ୍ଠ କର୍ମଚାରୀ ପିବିଏସ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାଲିଚନ୍ଦ୍ରପୁର-ଦେକୁରି ରାସ୍ତା ମରାମତି ଆରମ୍ଭ

### 'ଧରିତ୍ରୀ'ରେ ଖବର ପ୍ରସାରଣ ପରେ ଚେତିଲା ପ୍ରଶାସନ

ଚଣ୍ଡିଖୋଲ,୨୩।୭(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ବାଲିଚନ୍ଦ୍ରପୁର-ଦେକୁରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ମରଣଯନ୍ତା ପାଲଟିଛି। ଏନେଇ ଗତ ଶୁକ୍ରବାର 'ଧରିତ୍ରୀ'ରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ ଘଟଣା ସ୍ଥଳ ପରିଦର୍ଶନ କରି ଶନିବାର ଏହାର ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। କ୍ରଶର ଗୁଣ୍ଡ ସହ ମେଟାଲ ଗୋଳାଇ ଖାଲଖମା ପୂର୍ଣ୍ଣ କରାଯାଉଛି।

ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୪ କୋଟି ୧୦ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ରାସ୍ତା କାର୍ଯ୍ୟ ୨୦୧୮ରେ ଆରମ୍ଭ ହୋଇଥିଲା। ୨ ବର୍ଷ ପରେ ଅର୍ଥାତ୍ ୨୦୨୦ରେ କାର୍ଯ୍ୟ ଶେଷ ହୋଇଥିଲା।



ରାସ୍ତା ମରାମତି କରାଯାଉଛି।

ମାତ୍ର କାର୍ଯ୍ୟ ଶେଷର ୪ମାସ ପରେ ରାସ୍ତାରୁ ପିଚୁ ଉଠି ଯାଇଥିଲା। ଏନେଇ ବାରମ୍ବାର ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିବା ପରେ ବିଭାଗୀୟ ଅଧିକାରୀ ତଦନ୍ତ ଠିକ ଭାବେ ନକରି ଠିକାଦାରଙ୍କୁ ସହଯୋଗ କରିଥିଲେ। ଏହାଦ୍ୱାରା ରାସ୍ତାରେ ଖାଲ ସୃଷ୍ଟି ହୋଇ ଯାତାୟାତ ପ୍ରଭାବିତ ହୋଇଥିଲା। ଏପରି କି କେଉଁଠି ୧ ଫୁଟରୁ ଆରମ୍ଭ କରି ୨ଫୁଟ ର ଖାଲ ସୃଷ୍ଟି ହୋଇଗଲା। ଏସବୁ ପ୍ରସଙ୍ଗ ନେଇ ବିଭାଗୀୟ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଥିଲା। ତେବେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ବିଭାଗୀୟ ଅଧିକାରୀଙ୍କୁ ଡାକି ଏହାର ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

## ୧୬ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ମନ୍ଥର

ଧର୍ମଶାଳା,୨୩।୭(ଡି.ଏନ.ଏ.)

୧୬ନଂ. ଜାତୀୟ ରାଜପଥର ଚଣ୍ଡିଖୋଲଠାରୁ ଭଦ୍ରକ ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ତେବେ କାର୍ଯ୍ୟଶେଷ ଅବଧି ସରିଥିଲେ ହେଁ ରାସ୍ତା କାର୍ଯ୍ୟ ଶେଷ ହୋଇପାରି ନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଦାବି ହୋଇଛି।

ଏହି ସମ୍ପ୍ରସାରଣ କାର୍ଯ୍ୟକୁ ବାହାର ରାଜ୍ୟର ଠିକା ସଂସ୍ଥାକୁ ଦିଆଯାଇଛି। ସମ୍ପୃକ୍ତ ଠିକା ସଂସ୍ଥା ୨୦୧୮ରୁ ଏଠାରେ କାର୍ଯ୍ୟ ଆରମ୍ଭ କରିଛି। ୪ ବର୍ଷ ମଧ୍ୟରେ ଏହି କାମ ସାରିବାକୁ ଠିକାସଂସ୍ଥା ଜାତୀୟ ରାଜପଥ ପ୍ରାଧିକରଣ ସହିତ ଚୁକ୍ତି କରିଥିଲା। ୨୦୨୨ ମେ'ରେ ଏହି ଠିକାସଂସ୍ଥାର ଅବଧି ଶେଷ ହେବାର ସମୟ ରହିଥିଲା। ହେଲେ ଠିକାସଂସ୍ଥା ନିଜ ମନମାନିରେ କାମ କରୁଥିବାରୁ ଧାର୍ଯ୍ୟ ସମୟ ମଧ୍ୟରେ କାମ ଶେଷ କରିପାରିନାହିଁ। ବିଶେଷ କରି ଧର୍ମଶାଳା ବ୍ଲକ ଜାରକାଠାରେ ୩ ବର୍ଷ ହେଲା ଏକ ଫ୍ଲାଇଓଭର ନିର୍ମାଣ ଚାଲିଥିବାରୁ ପ୍ରତ୍ୟହ



ଶହଶହ ଗାଡ଼ି ବାଇପାସ ରାସ୍ତା ଦେଇ ଯାତାୟାତ କରୁଛି। ଫଳରେ ଲୋକେ ରାସ୍ତା ପାର ହେବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଏବେ ଫ୍ଲାଇଓଭର ଶେଷ ହୋଇଥିଲେ ମଧ୍ୟ ବ୍ରିଜକୁ ସଂଯୋଗୀକରଣ ରାସ୍ତା କାମ ମନ୍ଥର ଗତିରେ ଚାଲୁଛି। ଫଳରେ ଏହାର ସମାପ୍ତି ନେଇ ପ୍ରଶ୍ନବାଚୀ ଦେଖାଦେଇଛି। ଅନ୍ୟପଟେ ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏଭଳି ଅବସ୍ଥା ଉପୁଜୁଥିବା ସାଧାରଣରେ ଅଭିଯୋଗ ହୋଇଛି।

### ବଢୁଛି ଜନଅସନ୍ତୋଷ, ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଦାବି

## ସଂକ୍ଷେପରେ

### ଛାତ୍ରୀ ଅସଦାଚରଣ ଘଟଣାକୁ ନେଇ ଏନ୍ଏଚ୍ଆର୍ସିରେ ମାମଲା

**କେନ୍ଦ୍ରାପଡ଼ା ଅଫିସ, ୨୩।୭:** ମହାକାଳପଡ଼ା ଥାନା ଅଞ୍ଚଳର ଏକ ସ୍କୁଲରେ ଶିକ୍ଷକ ବିଶ୍ୱମ୍ଭର ପରିଡ଼ା ଜଣେ ୧୦ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ । ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ରେ ଅଭିଯୋଗ (ମାମଲା ନଂ. ୧୨୨୧୭/୨୨) ହୋଇଛି । ଅଭିଯୋଗକାରୀ ଓଡ଼ିଶା ସୂଚନା ଅଧିକାର ଅଭିଯାନର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ଗତ ୧୮ ତାରିଖରେ ଏହି ଘଟଣା ଲୋକ ଲୋଚନକୁ ଆସିଥିଲା। ପୀଡ଼ିତା ଛାତ୍ରୀଙ୍କ ବାପା ସମ୍ପୃକ୍ତ ସ୍କୁଲ ହେଡମାଷ୍ଟରଙ୍କୁ ଜଣାଇବା ସହିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାସତ୍ତ୍ୱେ ଘଟଣାକୁ ଚାପି ଦେବା ପାଇଁ ଡିଇଓ, ବିଇଓ ଚେଷ୍ଟା ଚଳାଇଥିଲେ । ସଂପୃକ୍ତ ଶିକ୍ଷକଙ୍କୁ ଥାନାରେ ଦେଇ ପୋକ୍ସୋ ଆଇନଭୁକ୍ତ ମାମଲା ଚଳାଇବାକୁ ନିବେଦନ ପରିବର୍ତ୍ତେ ଶିକ୍ଷକଙ୍କୁ ରାଜନଗର ଅଞ୍ଚଳକୁ ବଦଳି କରିଥିଲେ । ତେବେ ଏନେଇ ସ୍କୁଲର ଆଖାପାଖ ଗ୍ରାମବାସୀ ଆନ୍ଦୋଳନ ପରେ ବାଧ୍ୟ ହୋଇ ତାଙ୍କୁ ନିଲମ୍ବିତ କରାଯାଇଛି। ଶିକ୍ଷକଙ୍କ ବିରୋଧରେ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ନ ଦେବା ଫଳରେ ପୀଡ଼ିତଙ୍କ ସହ ପରିବାର ସଦସ୍ୟ ମାନସିକ ନିର୍ଯାତନା ସହୁଛନ୍ତି । ଥାନାରେ ମାମଲା ସହ ଶିକ୍ଷକ, ବିଇଓ ଓ ଡିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପୀଡ଼ିତା ଛାତ୍ରୀଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଆଦି ଦାବିରେ ଏହି ଅଭିଯୋଗ ପତ୍ର ଲେଖା ହୋଇଥିବା ଆବେଦନକାରୀ ମହାନ୍ତି ପ୍ରକାଶ କରିଛନ୍ତି ।

### ସରପଞ୍ଚଙ୍କୁ ଗାଳି ଗୁଲଜ, ପଞ୍ଚାୟତ ଅଫିସ ଫାଟକ ଭାଙ୍ଗିଲେ

**ରାଜନଗର, ୨୩।୭(ଡି.ଏନ.ଏ.):** ରାଜନଗର ବ୍ଲକ କୁରୁଣ୍ଟି ସରପଞ୍ଚ ସସ୍ମିତା ମହାନ୍ତିଙ୍କୁ କୁରୁଣ୍ଟି ଗାଁର ଜଣେ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ ଭାଙ୍ଗିଛନ୍ତି। ଏ ସଂକ୍ରାନ୍ତରେ ରାଜନଗର ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ କୁରୁଣ୍ଟି ଗାଁର ସଂଗ୍ରାମ କେଶରୀ ନାୟକ କୁରୁଣ୍ଟି ଛକରୁ ସରପଞ୍ଚଙ୍କ ନାମ ଧରି ଗାଳିଗୁଲଜ କରିଥିଲେ । ଏପରି କି ପଞ୍ଚାୟତ ଅଫିସ ପିଅନଙ୍କ ବାପାଙ୍କୁ ଦେଖି ଗାଳିଗୁଲଜ କରିଥିଲେ। ଏଥିସହ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକକୁ ଭାଙ୍ଗି ଅଫିସ ଭିତରକୁ ପଶିଥିଲେ । ଏହି ସମୟରେ ଶୁକଦେବ ଜେନା ନାମକ ବ୍ୟକ୍ତି ପାଟି କରିବାରୁ ସଂଗ୍ରାମ ପଳାଇ ଯାଇଥିଲେ। ପଞ୍ଚାୟତର ପିଅନ ସରପଞ୍ଚଙ୍କୁ ଜଣାଇବା ପରେ ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି ।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**ବାହାନଗା, ୨୩।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଦାଣ୍ଡହରିପୁର ପଞ୍ଚାୟତର ପିତଳପଦା ଗ୍ରାମର ଜଣେ ବ୍ୟକ୍ତି ହାଟକୁ ଯାଇ ନିଖୋଜ ଥିଲେ। ଶନିବାର ତାଙ୍କ ମୃତଦେହ ଗାଁ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ସୋର ପୋଲିସ୍ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ ଉପେନ୍ଦ୍ର ମଳିକ (୫୭)।

# ପ୍ରାକୃତିକ ବିପର୍ଯ୍ୟୟରେ ମହିଳାଙ୍କ ସ୍ୱାସ୍ଥ୍ୟ ଦୟନୀୟ

**କେନ୍ଦ୍ରାପଡ଼ା ଅଫିସ, ୨୩।୭**



- ସ୍ଥାନାନ୍ତର ସମୟରେ ମିଳୁନାହିଁ ସ୍ୱତନ୍ତ୍ର ପାଇଖାନା
- ଅଧିକ କ୍ଷତି ସହୁଛନ୍ତି ଦଳିତ ବର୍ଗର ମହିଳା
- ବନ୍ୟା,ବାତ୍ୟା ପରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଆବଶ୍ୟକ

ବନ୍ୟା, ବାତ୍ୟା, ସୁନାମୀ ପରି ପ୍ରାକୃତିକ ବିପର୍ଯ୍ୟୟ ବଳୟରେ କେନ୍ଦ୍ରାପଡ଼ା ଜିଲା ଅଛି । ୪୮ କିଲୋମିଟର ସମୁଦ୍ର ତଟ ରହିଥିବା ବେଳେ ଏହାର ୨୮ ପ୍ରତିଶତ ଅଞ୍ଚଳରେ ଜୁଆର ପାଣିର ଡର ରହିଛି । ଏହା ବ୍ୟତୀତ ଆଳି ତଟବନ୍ଧ ଡିଭିଜନର ୭୪୪.୪୭ କିଲୋମିଟର ତଟବନ୍ଧ ଅସୁରକ୍ଷିତ ଅବସ୍ଥାରେ ଅଛି । ମହାନଦୀ ଓ ବ୍ରାହ୍ମଣୀରେ ବନ୍ୟା ଆସିଲେ ଜିଲାର ୪୫୫ ଗ୍ରାମରେ ପାଣି ପଶିଯାଉଛି । ସାମୁଦ୍ରିକ ଝଡ଼ ଜିଲାକୁ କବଳିତ କରୁଥିଲା ବେଳେ ଦୁଇଶହରୁ ଅଧିକ ଗ୍ରାମରୁ ଲୋକ ସ୍ଥାନାନ୍ତର ହେଉଛନ୍ତି । ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମହିଳାମାନେ ସର୍ବାଧିକ କ୍ଷତିରେ ରହୁଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି । ସ୍ଥାନାନ୍ତରିତ ସ୍ଥାନରେ ମହିଳାଙ୍କ ପାଇଁ କୌଣସି ସ୍ୱତନ୍ତ୍ର ପାଇଖାନା ନାହିଁ । ମାସିକ ଧର୍ମ ସମୟରେ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ଦଳିତ ବର୍ଗର ମହିଳାଙ୍କ ସ୍ୱାସ୍ଥ୍ୟ ବିଗିଡି ଯାଉଥିବା ଅଭିଯୋଗ ହେଉଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ପରେ ସ୍ଥାନାନ୍ତରିତ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଜରୁରୀ ହୋଇପଡିଛି ବୋଲି ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଡାକ୍ତରମାନେ ମତ ଦେଇଛନ୍ତି ।

ଏସମ୍ପର୍କରେ ମହାକାଳପଡ଼ା ଜମ୍ବୁ ଗ୍ରାମର ଜଣେ ମହିଳା କହିଛନ୍ତି, ୨୦୧୯ ମେ' ମାସରେ ଫନୀ ବାତ୍ୟା ହୋଇଥିଲା । ପ୍ରାୟ ୩ ଦିନ ଧରି ସ୍ଥାନାନ୍ତରିତ ସ୍କୁଲ ଗୃହରେ ରହିବାକୁ ପଡିଲା । ସେଠାରୁ ଫେରିଲା ପରେ ପେଟ କାମୁଡିବା ଆରମ୍ଭ ହେବା ସହିତ ଗାଇନିକ ସମସ୍ୟା ଦେଖାଦେଲା । ପ୍ରାୟ ୨ ମାସ ଧରି ଚିକିତ୍ସା ପରେ ଏହି ରୋଗ ଭଲ ହୋଇଥିଲା । ଏକା ପ୍ରକାର ରୋଗର ଲକ୍ଷଣ ପ୍ରାୟ ଅଧିକାଂଶ ମହିଳାଙ୍କଠାରେ ପ୍ରକାଶ ପାଇଥିଲା । ବାତ୍ୟା ଆଶ୍ରୟ ସ୍ଥଳୀରେ ପ୍ରାୟ ୩୦୦ରୁ ଅଧିକ ଲୋକ ରହୁଥିଲେ । ଆମେ ସବୁ ଗୋଟିଏ ସ୍ଥାନକୁ ପାଇଖାନା ଭାବେ ବ୍ୟବହାର କରୁଥିଲୁ । ପାଣି ସଙ୍କଟ ରହୁଥିବା ବେଳେ ଉପଯୁକ୍ତ ପାନୀୟ ଜଳରେ ମଧ୍ୟ ସଙ୍କଟ ଥିଲା । ଏସବୁ କାରଣ ପାଇଁ ସ୍ୱାସ୍ଥ୍ୟାବସ୍ଥା ବିଗିଡିଥିଲା । ଏହି ଅଞ୍ଚଳରେ ଡାକ୍ତରଙ୍କ ସଂଖ୍ୟା କମ ଥିବାରୁ ରୋଗ ନିୟନ୍ତ୍ରଣରେ ବହୁ ସମୟ ବିତି ଯାଇଥିଲା ବୋଲି ସେ କହିଛନ୍ତି। ବୁଦ୍ଧିଜୀବୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ବନ୍ୟା ବାତ୍ୟା ସମୟରେ ଜିଲା ପ୍ରଶାସନ ସ୍ଥାନାନ୍ତର ଓ ରନ୍ଧା ଖାଦ୍ୟକୁ ଗୁରୁତ୍ୱ ଦେଉଛନ୍ତି । ବାସ୍ତବରେ ମହିଳାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଧ୍ୟାନ ଦିଆଯାଉନାହିଁ । ବନ୍ୟା,ବାତ୍ୟା ଆଶ୍ରୟସ୍ଥଳକୁ ଲୋକମାନେ ଆବଶ୍ୟକତା ପାଇଁ ବ୍ୟବହାର କରୁଛନ୍ତି । ମାତ୍ର ଏହି ସ୍ଥାନରେ ସ୍ୱାସ୍ଥ୍ୟଗତ ସମସ୍ୟାରୁ ଦୂରେଇବା ପାଇଁ କୌଣସି ଭିତ୍ତିଭୂମି ନାହିଁ । ଏହି ଜିଲାରେ ବନ୍ୟା ହେଲେ ତଟ ବନ୍ଧ ଓ ନଦୀ ବନ୍ଧ ନ ଥିବାରୁ ଜିଲାର ବହୁ ଗ୍ରାମରେ ପାଣି ପଶୁଛି । ଏହି ପାଣି କେତୋଟି ଗ୍ରାମରେ ସପ୍ତାହରୁ ମାସେ ପର୍ଯ୍ୟନ୍ତ ଜମି ରହୁଛି । ଏହି ସମୟରେ ମହିଳାଙ୍କ ସ୍ୱାସ୍ଥ୍ୟ କଥାକୁ ଜିଲା ପ୍ରଶାସନ ପାସୋରି ଦେଉଛନ୍ତି । ମାସିକ ଧର୍ମ ପାଳନ ପାଇଁ ପ୍ୟାଡ ବ୍ୟବସ୍ଥାଠାରୁ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେବା କଥା । ପାଣି ଛାଡିଗଲା ପରେ ମଧ୍ୟ ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଧିକ ହେଉଛି । ବନ୍ୟା ପାଣିରେ ବୁଡିଥିବା ଜଳଉତ୍ସରୁ ପାନୀୟ ଜଳ ସଂଗ୍ରହ ହେଉଛି । ଏହାର ସୁଧାର ପାଇଁ ତ୍ୱରିତ ପରିବେଶ ସଫାର ଆବଶ୍ୟକତା ଅଛି । ସାମାଜିକ କର୍ମୀ ମନୋଜ କୁମାର ନାୟକ କୁହନ୍ତି, ତଟାଞ୍ଚଳରେ ଅଧିକାଂଶ ଲୋକ ବଙ୍ଗଭାଷୀ ତଥା ଦଳିତ ବର୍ଗ ରହୁଛନ୍ତି । ଏଠାରେ ସ୍ୱାସ୍ଥ୍ୟ ସଚେତନତା ଜରୁରୀ ହୋଇ ପଡିଛି । ଅଧିକାଂଶ ଗ୍ରାମ ମାଟି କାଦୁଅ ହୋଇଥିବାରୁ ବନ୍ୟା ବାତ୍ୟା ପରେ ଜଳବାହିତ ରୋଗ ସଂକ୍ରମଣ ଅଧିକ ହେବା ସ୍ୱାଭାବିକ । ଏହି ବର୍ଗର ମହିଳାଙ୍କୁ ମାସିକ ଧର୍ମ ସମୟରେ ପରିଷ୍କାର ପରିଚ୍ଛନ୍ନ ରହିବା ନେଇ ସଚେତନତା ସୃଷ୍ଟି କରାଯିବା ସହିତ ପ୍ରାକୃତିକ ବିପର୍ଯ୍ୟୟ ପରେ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ସପକ୍ଷରେ ସେ ମତ ଦେଇଛନ୍ତି । ଏ ସମ୍ପର୍କରେ ଏଡିଏମ୍ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ବନ୍ୟା ବାତ୍ୟା ସମୟରେ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଜରୁରୀ । ଏଥିପାଇଁ ପ୍ରତ୍ୟେକ ଗ୍ରାମରେ ଆଶାକର୍ମୀଙ୍କୁ ସଜାଗ କରାଯାଇଥାଏ। ସେହିପରି ମେଡିକାଲ ଟିମ୍ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ହୁଏ । ତେବେ ପରିଷ୍କାର ପରିଚ୍ଛନ୍ନତା ନେଇ ଆହୁରି ଅଧିକ ସଚେତନତା ସୃଷ୍ଟିର ଆବଶ୍ୟକତା ଥିବା ଏଡିଏମ୍ଓ ଡା. ମିଶ୍ର ମତ ଦେଇଛନ୍ତି ।

### ନବ ନିର୍ବାଚିତ ସମବାୟ ସମିତି ସଭାପତିଙ୍କ ପରଲୋକ



ନଗେନ୍ଦ୍ର କୁମାର ବେଉରା (ଫାଇଲ୍ ଫଟୋ) ।

**ମାର୍ଶାଘାଇ, ୨୩।୭ (ଡି.ଏନ.ଏ.)**

ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିର ୬ନଂ.ଜୋନ୍ ନବନିର୍ବାଚିତ ସଭାପତି ନଗେନ୍ଦ୍ର କୁମାର ବେଉରା(୫୬)ଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ହେବ ଅସୁସ୍ଥ ହୋଇ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । କଟକରୁ ତାଙ୍କ ମର ଶରୀର ଆସିବା ପରେ ସମବାୟ ସମିତି ସଭାପତି ପ୍ରଦୀପ୍ତ ଗାହଣ, ସରପଞ୍ଚ ଭାଗବତ ବେହେରା, ସମିତି ସଭ୍ୟ ପ୍ରସନ ସାହୁ, ବଜାର କମିଟି ସଭାପତି ରନେନ୍ଦ୍ର କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ସମର ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଉପେନ୍ଦ୍ର ବେହେରା, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ନାରୀନେତ୍ରୀ ଅବନ୍ତୀ ବେହେରା, ସାମାଜିକ କର୍ମୀ ଚିତ୍ତ ରଞ୍ଜନ ରଥ ଓ ମନୋରଞ୍ଜନ ଦଳାଇ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଗ୍ରାମ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା । ଏକମାତ୍ର ପୁଅ ସୁକଲ୍ୟାଣ ବେଉରା ମୁଖାଗ୍ନି ଦେଇଥିଲେ ।



ଛାତ୍ରୀଛାତ୍ରଙ୍କ ସହ ମୁଖ୍ୟ ଶିକ୍ଷା ଉପଦେଷ୍ଟା ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଭାପତି ଉପେନ୍ଦ୍ରନାଥ ତ୍ରିପାଠୀ ।

# ମୁଖ୍ୟ ଶିକ୍ଷା ଉପଦେଷ୍ଟାଙ୍କ ବିଦ୍ୟାଳୟ ପରିଦର୍ଶନ

**ମାର୍ଶାଘାଇ, ୨୩।୭ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ମୁଖ୍ୟ ଶିକ୍ଷା ଉପଦେଷ୍ଟା ତଥା ଓଡିଶା ଆଦର୍ଶ ବିଦ୍ୟାଳୟର ସଭାପତି ଉପେନ୍ଦ୍ର ନାଥ ତ୍ରିପାଠୀ ଶନିବାର ପୂର୍ବାହ୍ନରେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ କିଭଳି ପାଠ ପଢା ହେଉଛି, ତୁମର ଲକ୍ଷ୍ୟ କ'ଣ, ପ୍ୟାନେଲ ବୋର୍ଡରେ ପାଠ ପଢା ହେଉଛି କି ନାହିଁ ପଚାରି ବୁଝିଥିଲେ । ଏହି ଉଚ୍ଚ ବିଦ୍ୟାଳୟ ପରିସରରେ ଅସ୍ଥାୟୀ ଭାବେ ଚାଲିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ମଧ ପାଠପଢ଼ା ବିଷୟରେ ଆଲୋଚନା କରିଥିଲେ । ୫-ଟି ଅଧୀନରେ ଥିବା ଏହି ବିଦ୍ୟାଳୟରେ ଆଉ କ'ଣ ଅଭାବ ଅସୁବିଧା ଅଛି ସେ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜ, ଜିଲା ଶିକ୍ଷାଧିକାରୀ ସଞ୍ଜୀବ ସିଂ, ବ୍ଲକ ଶିକ୍ଷାଧିକାରୀ ତନ୍ମୟ କୁମାର ବେହେରା, ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ମାର୍ଶାଘାଇ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତ ଅଫିସ ତାଲା ଭାଙ୍ଗି ଚୋରି

**ରାଜନଗର, ୨୩।୭ (ଡି.ଏନ.ଏ.)**

- କମ୍ପ୍ୟୁଟର, ଟେଲିଭିଜନ ନେଇଗଲେ
- ପୋଲିସ ତଦନ୍ତ ଜାରି




ରାଜନଗର ଥାନା ଅଧୀନ ଭିତରଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି କେହି କମ୍ପ୍ୟୁଟର ଓ ଟେଲିଭିଜନ ଚୋରି କରି ନେଇଛନ୍ତି । ଶନିବାର ସକାଳୁ ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭଙ୍ଗା ଯାଇଥିବା ଗ୍ରାମବାସୀ ଦେଖି ସରପଞ୍ଚଙ୍କୁ ଖବର ଦେଇଥିଲେ। ସରପଞ୍ଚ ଇତିଶ୍ରୀ ମହାପାତ୍ର ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନିନ୍ଦ୍ର କୁମାର ପ୍ରଧାନ ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟରେ ଚୋରି ହେଉଛି । ସାଇଣ୍ଟିଫିକ ଟିମ ଓ ସ୍ପେଶାଲ ସ୍କାର୍ଡ ସହ ରାଜନଗର ଥାନା ସବ୍ଇନ୍ସପେକ୍ଟର ଅଜୟ କୁମାର ସାହୁ ଘଟଣାସ୍ଥଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତ ୨ ବର୍ଷ ଭିତରେ ଈଶ୍ୱରପୁର, ହାତିନା, ମହିଁଷାସୁର ଆଦି ୭ ପଞ୍ଚାୟତରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ଅଧିକାଂଶ ଚୋରି ଅଭିଯୋଗ ମିଛ ବୋଲି ପ୍ରମାଣିତ ହୋଇଥିଲା । ଏଥର ତଦନ୍ତକୁ ଜୋରଦାର କରି ଅପରାଧିଙ୍କ ନିକଟରେ ପହଞ୍ଚିବ ବୋଲି ପୋଲିସ କହିଛି ।



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି ।

# ଡେରାବିଶ: ସମବାୟ ସମିତି ଉପସଭାପତି ନିର୍ବାଚନ



ନବନିର୍ବାଚିତ ଉପସଭାପତିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

**ଡେରାବିଶ, ୨୩।୭ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନରେ ଥିବା ୧୦ ପ୍ରାଥମିକ କୃଷି ସମବାୟ ସମିତିରେ ପରିଚାଳନା ନିର୍ଦ୍ଦେଶକ ଓ ସଭାପତି ନିର୍ବାଚନ ଶେଷ ହେବାପରେ ଶନିବାର ବିଭିନ୍ନ ସମବାୟ ସମିତିରେ ଉପସଭାପତି ନିର୍ବାଚନ ଶେଷ ହୋଇଛି । ବ୍ଲକ ଅଧୀନ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତିରେ ଶନିବାର ଉପସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପରିଚାଳନା ନିର୍ଦ୍ଦେଶକ ପ୍ରମିଳା ସିଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରି ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି କୁଶିଆପାଳ ସମବାୟ ସମିତିରେ ସସ୍ମିତା ପାତ୍ର, କାଉପଡ଼ା ସମିତିରେ ପ୍ରମିଳା ଦାଶ, କପିଳେଶ୍ୱର ସମିତିରେ ମନୋରମା ସାହୁ, ରତାଦିଆ ଖଣ୍ଡସାହି ସମିତିରେ ସୁନିତା ବଳ, ଦାନପୁର ସମବାୟ ସମିତିରେ ଅନ୍ନପୂର୍ଣ୍ଣା ଦାଶ ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ଜିଲା ସହକାରୀ ସମବାୟ ଉପନିବନ୍ଧକ ମନମୋହନ ରାଉତ ସୂଚନା ଦେଇଛନ୍ତି ।

# ଅନିୟମିତ ବର୍ଷା, ଆଗେଇ ପାରୁନି ଚାଷ କାମ

**ପଟ୍ଟାମୁଣ୍ଡାଇ, ୨୩।୭ (ସ୍ୱ.ପ୍ର.)**

- ଚାଷୀଙ୍କୁ ମିଳୁନି ସାର
- କେନାଲ ସଫା ହୋଇପାରିଲାନି
- ବିଲକୁ ମାଡୁନି ପାଣି

ଆଷାଢ ଯାଇ ଶ୍ରାବଣ ଆରମ୍ଭ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଗଡିଆ ପୋଖରୀରେ ପାଣି ଭର୍ତ୍ତି ହୋଇପାରିଲାନାହିଁ। ଆଷାଢର ପ୍ରଥମାର୍ଦ୍ଧରେ ବର୍ଷା ନ ହେବାରୁ ଧାନ ବୁଣା ହୋଇପାରିଲାନି। କିଛି ଦିନ ହେବ ଆକାଶରେ ନିତିଦିନ କଳା ହାଣ୍ଡିଆ ମେଘ ଥାଟପତ୍ର ଭାଙ୍ଗୁଛି, ହେଲେ ବର୍ଷା ହେଉନି। ଚାଷୀ ଆକାଶକୁ ଚାହିଁ ନିରାଶ ହେଉଛି। ଅନ୍ୟପକ୍ଷେ ପଟ୍ଟାମୁଣ୍ଡାଇ କେନାଲରେ ପାଣି ଛଡ଼ାଯାଇଥିଲେ ହେଁ ବିଲ ପର୍ଯ୍ୟନ୍ତ ପହଞ୍ଚି ପାରୁନି। କେନାଲରେ ଗଛ ଓ ଡାଳ ପତ୍ର ପଡ଼ି ରହିଛି। ଘାସ, ଲତା ମାଡ଼ି ଯିବାରୁ ପାଣିଗତିପଥ ଅବରୋଧ ହୋଇଛି। ତେଣୁ ପାଣି ଅଭାବରୁ ଚାଷକାମ ବିଳମ୍ବ ହେଉଛି। ଧାନ ବୁଣା ହୋଇପାରି ନ ଥିବାରୁ ଅନେକ ଚାଷୀ ରୁଆ ବେଉଷଣ କରିବାକୁ ମନସ୍ଥ କରିଥିଲେ । ହେଲେ ଅନିୟମିତ ବର୍ଷା ପାଇଁ ତଳି ପକାଇବାରେ ଚାଷୀ ବହୁ ହଇରାଣ ହେଉଛି।

ଶ୍ରାବଣ ମାସରେ ବର୍ଷା ଲାଗି ରହେ ବୋଲି ଗାଁ ଗହଳିରେ ଲୋକେ ଧାରା ଶ୍ରାବଣ ଲାଗିଛି ବୋଲି କହିଥାନ୍ତି । କିନ୍ତୁ ଚଳିତବର୍ଷ ଶ୍ରାବଣ ମାସରେ ଯେଉଁ ବର୍ଷା ହେଉଛି, ତାହା ଚାଷୀଙ୍କ କୌଣସି କାର୍ଯ୍ୟରେ ଆସୁନାହିଁ । ଚାଷଜମିରେ ପାଣି ନାହିଁ। ଫଳରେ ତଳି ଉପୁଡା, ରୁଆ, ବେଉଷଣ କାମ ହୋଇ ପାରୁନି। ଏମିତି ସମୟରେ ଖାଲୁଆ କିସମ ଜମିରେ ଯେଉଁଠି ବି ରୁଆ, ବେଉଷଣ କାମ ହେଉଛି ସେଠି ଜମିରେ ପକାଇବାକୁ ସାର ପାଉନାହାନ୍ତି ଚାଷୀ ବୋଲି ଅଭିଯୋଗ ହୋଇଛି।

ବ୍ଲକ କୃଷି ବିଭାଗ ରିପୋର୍ଟ ଅନୁଯାୟୀ, ଚଳିତ ଖରିଫ ଋତୁରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତର ମୋଟ ୧୧ ହଜାର ୭୦୦ ହେକ୍ଟର ଜମିରେ ଶାରଦ ଧାନ ଫସଲ ହେଉଛି। ସେଥିମଧ୍ୟରୁ ଏଯାବତ ୩୦୦ ହେକ୍ଟର ଜମିରେ ଧାନବୁଣା କାମ ସରିଛି। ଅବଶିଷ୍ଟ ଜମିରେ ରୁଆଧାନ ପାଇଁ ତଳି ପଡି ରହିଛି। ତଳିଧାନ, ବୁଣାଜମିରେ ସାର ପକାଇବା ପାଇଁ ଚାଷୀ ସାର ପାଉ ନ ଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ମାର୍କଫେଡ ପକ୍ଷରୁ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ଯୋଗାଣର ବ୍ୟବସ୍ଥା ହୋଇଛି । ତେବେ ବ୍ଲକର ୧୬ ସମବାୟ ସମିତିରେ ଅଦ୍ୟାବଧି ସାର ପହଞ୍ଚି ପାରିନାହିଁ। ସରକାର ଯୋଜନା ପରେ ଯୋଜନା ପ୍ରସ୍ତୁତ କରୁଥିଲେ ମଧ ପ୍ରତିବର୍ଷ ଏଭଳି ସମସ୍ୟା ଦେଖାଯାଉଛି। ଠିକ୍ ଭାବେ ଯୋଜନାଗୁଡିକ କରାଯାଉ ନ ଥିବାରୁ ଚାଷୀମାନଙ୍କ ତାର ସୁଫଳ ମିଳୁନାହିଁ। ଭଲ ବର୍ଷା ହେଉ ନ ଥିବାରୁ ଗାଁ ଗହଳିରେ ଥିବା ଗଡିଆ ପୋଖରୀ, କେନାଲ, ଚୁଆଗୁଡିକ ପୂର୍ଣ୍ଣ ହୋଇପାରୁନାହିଁ। ଚାଷ ପାଇଁ ପାଣିର ଆବଶ୍ୟକତା ପଡ଼ିଥିବା ସମୟରେ ଜଳସେଚନ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ଗୋଟିଏ ପଟରେ ଚାଷୀମାନେ ଜମି ହଳ, ବେଉଷଣ କରି ଧାନତଳି ରୁଆ ପାଇଁ ପ୍ରସ୍ତୁତ କରି ରଖିଥିବା ବେଳେ ବର୍ଷା ଅଭାବ ବାଧକ ସାଜିଛି। ସାରର ଅଭାବ ଚାଷୀମାନଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ସରକାର ଚାଷୀମାନଙ୍କ ଜଳସେଚନ ପାଇଁ ପାଣି ପଞ୍ଚାୟତ ଗଠନ କରିଥିଲେ ମଧ ତାହାର ସୁଫଳ ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ସମବାୟ ସମିତିରୁ ବିହନ,ସାର ମିଳିପାରୁନାହିଁ। ଅପରପକ୍ଷେ ଚାଷ ସମୟରେ କେନାଲରେ ପାଣି ନ ଦେଇ ଜଳକର ମଧ ଚାଷୀମାନଙ୍କ ଉପରେ ବେଡି ଉପରେ କୋରଡା ପରି ଆଦାୟ କରାଯାଉଛି। ପ୍ରତିବର୍ଷ ଏପରି ଅବସ୍ଥା ଲାଗିରହୁଥିବାରୁ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ କେନାଲରେ ପାଣି ଦେବା ସହିତ ପାଣି ସମସ୍ୟା ଦୂର ପାଇଁ ଏକ ନୂତନ ଯୋଜନା ପ୍ରସ୍ତୁତ କରିବାକୁ ଜନସାଧାରଣରେ ଦାବି ହେଉଛି ।



ବର୍ଷା ଅଭାବରୁ ଚାଷଜମି ପଡ଼ିଆ ପଡ଼ିଛି ।

# ବାଦଭୂଇଁରେ କଙ୍ଗାରୁକୋର୍ଟ

■ମାମଲା ପ୍ରତ୍ୟାହାର ନ କରିବାରୁ ବାସନ୍ଦ କରି ନିର୍ଯାତନା
■ପୋଲିସ ଚୁପ୍,ମାରପିଟ କରି ଘରୁ ତଡ଼ି ଦେଲେ ଅଭିଯୁକ୍ତ

ନୟାଗଡ଼ ଅଫିସ,୨୩।୭

ରଣପୁର ଥାନା ରଙ୍କଦେଉଳି ପଞ୍ଚାୟତ ବାଦଭୂଇଁରେ କଙ୍ଗାରୁ କୋର୍ଟ କରି ଗୋଟିଏ ପରିବାରକୁ ମାରପିଟ କରି ଘରୁ ବିଦା କରିଦିଆଯାଇଛି । କୋର୍ଟରେ ମାମଲା ପ୍ରତ୍ୟାହାର ନ କରିବାରୁ ଅଶୋକ କୁମାର ସ୍ୱାଇଁଙ୍କୁ ବାରମ୍ବାର ନିର୍ଯାତନା ଦିଆଯାଇଛି । ଗାଁରେ କଙ୍ଗାରୁକୋର୍ଟ ଓ ନିର୍ଯାତନା ନେଇ ରଣପୁର ଥାନାରେ ମାମଲା ହୋଇଥିଲେ ମଧ ପୋଲିସ ଚୁପ ବସିବା ଏଥିରେ ସମ୍ପୃକ୍ତ ଲୋକମାନଙ୍କୁ ସୁହାଇଛି ।

ଅଭିଯୋଗ ଅନୁଯାୟୀ, ୨୦୨୨ ପଞ୍ଚାୟତ ନିର୍ବାଚନରେ ବାଦଭୂଇଁର ଅଶୋକ ସ୍ୱାଇଁଙ୍କ ସ୍ତ୍ରୀ ପ୍ରତିମା ରଙ୍କଦେଉଳି ପଞ୍ଚାୟତ ପାଇଁ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ୁଥିଲେ । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନିରକ୍ଷର ଥିଲେ । ଏ ସଂକ୍ରାନ୍ତରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା, ବରଂ କୋର୍ଟକୁ ଯିବାକୁ ପରାମର୍ଶ ଦିଆଯାଇଥିଲା । ଏହାପରେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ବିଜୟୀ ହୋଇ ସରପଞ୍ଚ ହେଲେ ।


ନିର୍ଯାତନାର ଶିକାର ହୋଇଥିବା ପରିବାର ସଦସ୍ୟ ।

ଏତିକିରେ କଥା ସରିଲା ନାହିଁ । ସେ ବିଜୟୀ ହେବା ପରେ ପରାଜିତ ପ୍ରାର୍ଥୀ ପ୍ରତିମାଙ୍କୁ କମେଣ୍ଟ, ଗାଳିଗୁଲଜ କରିବା ସହ ବିଭିନ୍ନ ନିର୍ଯାତନା ଦେଲେ । ଦିନକୁ ଦିନ ପରିସ୍ଥିତି ଅସହ୍ୟ ହେବା ପରେ ବିଜୟୀ ପ୍ରାର୍ଥୀଙ୍କ ଶିକ୍ଷା, ପଢ଼ାପଢ଼ି ଓ ଲେଖିବା ଜାଣି ନ ଥିବାକୁ ଚାଲେଞ୍ଜ କରି ଅଯୋଗ୍ୟ ଘୋଷଣା ପାଇଁ ପ୍ରତିମା ରଣପୁର କନିଷ୍ଠ ଦେୱାନୀ କୋର୍ଟରେ ଏକ ମାମଲା(ନଂ.୪/୨୨) ରୁଜୁ କରିଥିଲେ, ଯାହାକି ବିଚାରାଧୀନ ଅଛି । ଏଭଳିସ୍ଥଳେ ସରପଞ୍ଚଙ୍କ ସ୍ୱାମୀ ନିର୍ବାଚନୀ ମାମଲାକୁ ଉଠାଇବା ପାଇଁ ପ୍ରତିମାଙ୍କ ଉପରେ ବାରମ୍ବାର ଚାପ ପ୍ରୟୋଗ କରିଥିଲେ । ପ୍ରତିମା ଚୁପ୍ ରହିବାରୁ ଗାଁରେ ଏପ୍ରିଲ ୨୭ରେ କଙ୍ଗାରୁ କୋର୍ଟ ବସିଥିଲା । ଏଥିରେ ବି ମାମଲା ପ୍ରତ୍ୟାହାର କରିବାକୁ ପ୍ରତିମାଙ୍କ ଉପରେ ଚାପ ପଡିଥିଲା । ପ୍ରତିମାଙ୍କ ପରିବାର ଅରାଜି ପରେ କଙ୍ଗାରୁ କୋର୍ଟରେ ଧକ୍କା ମାରି ତାଙ୍କୁ ବିଦା କରିବା ସହ ବାସନ୍ଦ କରାଗଲା ବୋଲି ଘୋଷଣା କରାଗଲା । ବାସନ୍ଦ ପରେ ପୁଣି ମେ' ୧୮ରେ ଅନୁରୂପ ଭାବେ କଙ୍ଗାରୁକୋର୍ଟ ବସାଇ ଧମକଚମକ ଗାଳିଗୁଲଜ କରାଗଲା । ମେ'୨୭ରେ ପୁଣି କଙ୍ଗାରୁକୋର୍ଟ କରି ପ୍ରତିମାଙ୍କ ଘରକୁ ଯାଇଥିବା ଜଣେ ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଗଲା । ମେ ୨୮ ପୂର୍ବାହ୍ନରେ ସରକାରୀ ସ୍ୱୀକୃତିପ୍ରାପ୍ତ ଫର୍ନିଚର ୟୁନିଟ୍‌ରେ ଅଶୋକ ଥିବାବେଳେ କାଠ କାମ କରୁଥିବା କାରିଗରଙ୍କୁ ଧମକଚମକ ଦେଇ ତଡି ଦିଆଗଲା । ପରେ ଅଶୋକଙ୍କ ପରିବାରକୁ ଗାଁରୁ ବିଦା କରାଗଲା । ଗାଁରେ ବାସନ୍ଦ, କଙ୍ଗାରୁକୋର୍ଟ ନେଇ ଅଭିଯୋଗ ପରେ ପୋଲିସ ୧୭ଜଣଙ୍କ ବିରୋଧରେ ମାମଲା(ନଂ. ୧୩୬/୨୨) ରୁଜୁ କରି ତଦନ୍ତ କରୁଛି । ହେଲେ ତଦନ୍ତ ଶେଷ ହେଉନି କି କାହାରିକୁ ଗିରଫ କରାଯାଉନି ବୋଲି ଅଭିଯୋଗ ହୋଇଛି । ଏ ସମ୍ପର୍କରେ ମାନବିକ ଅଧିକାର ଆୟୋଗ, ଜିଲାପାଳ, ଏସ୍‌ପି, ଗୃହ ସଚିବ, ୫-ଟି ସଚିବ, ଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏ ସଂକ୍ରାନ୍ତରେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ କହିଛନ୍ତି, ଏହି ଅଭିଯୋଗ ଅଧାରରେ ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ବଦଳୁନି ମାନସିକତା

ନୟାଗଡ଼ ଜିଲାର ଗାଁ ଗାଁରେ ଚାଲିଛି କଙ୍ଗାରୁ କୋର୍ଟ । ଅଧିକାଂଶ ଗାଁରେ କଙ୍ଗାରୁ କୋର୍ଟ ଯୋଗୁ ବହୁ ପରିବାର ଗାଁ ଛାଡ଼ି ବାହାରେ ବୁଲୁଛନ୍ତି । ଅଭିଶପ୍ତ ଜୀବନଯାପନ କରୁଛନ୍ତି । ଏନେଇ ପୋଲିସରେ ଅଭିଯୋଗ କଲେ ସୁଫଳ ମିଳୁନାହିଁ । ପୋଲିସ ମାମଲା ରୁଜୁ କରି ନୀରବ ରହୁଛି । ଏପରି କି ଅଧିକାଂଶ ସମୟରେ ପୋଲିସ ମାମଲା କରିବାକୁ ପଛ ଘୁଞ୍ଚା ଦେଉଛି ବୋଲି ଅଭିଯୋଗ ହୋଇଛି । କଙ୍ଗାରୁ କୋର୍ଟର ନିଷ୍ପତ୍ତିକୁ ଚାଲେଞ୍ଜ କରିବାକୁ ଗାଁ ଲୋକ ଡରୁଛନ୍ତି । ଯେଉଁମାନେ ପ୍ରତିବାଦ କରୁଛନ୍ତି, ସେମାନଙ୍କୁ ଗାଁ ଛାଡିବାକୁ ବାଧ୍ୟ କରାଯାଉଛି । କେହି କେହି ଜୀବନ ହାରି ଦେଉଛନ୍ତି । ଏହାର ପ୍ରତିକାର ପାଇଁ ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ମଧ ସଚେତନତା ସୃଷ୍ଟି କରାଯାଉନାହିଁ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।

## ସଂକ୍ଷେପରେ

### ଲୋକମାନେ ବାଇକ୍ ଚୋରକୁ ଧରିଲେ

ନୟାଗଡ଼ ଅଫିସ/ରଣପୁର,(ସ୍ୱ.ପ୍ର.)୨୩।୭ ଗତ ୨୧ ତାରିଖରେ ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ କେନ୍ଦୁଡ଼ିପିର ବୁଲି ନାୟକଙ୍କ ବାଇକ୍ ଚୋରି ହୋଇଥିଲା । ବୁଲି ଏନେଇ ରଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୭୮/୨୨ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ହେଲେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରି ପାରି ନ ଥିଲା । ଶନିବାର ସମ୍ପୃକ୍ତ ଯୁବକ ପୁରୁଣା ବସନ୍ତରେ ବାଇକ ରଖି ବସିଥିଲେ । ସହରବାସୀ ସନ୍ଦେହରେ ତାଙ୍କୁ ପଚରାଉଚୁରା କରି ଚୋରା ବାଇକ ବୋଲି ଜାଣି ପାରିଥିଲେ । ପରେ ପୋଲିସକୁ ଖବର ଦେଇଥିଲେ । ପୋଲିସ ତାଙ୍କୁ କାବୁ କରିବା ସହ ବାଇକ୍ ଜବତ କରିଥିଲା ।

### ଛାତ୍ରୀଛାତ୍ରଙ୍କୁ ମେଧା ସମ୍ମାନ

**ନୟାଗଡ ଅଫିସ,୨୩।୭:** ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ନୟାଗଡ ବ୍ଲକ ଓ ପୌରାଞ୍ଚଳ ଛାତ୍ରୀଛାତ୍ରଙ୍କୁ ଶନିବାର ମେଧା ସମ୍ମାନ ପ୍ରଦାନ କରାଯାଇଛି । ଏ ଅବସରରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଣ୍ଡୋର ହଲରେ ଅନୁଷ୍ଠିତ ମେଧା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଅରୁଣ ସାହୁ ପୌରୋହିତ୍ୟ କରିଥିଲେ । ଏଥିରେ ଜିଲା ଶିକ୍ଷା ଅଧିକାରୀ ଅଙ୍କୁର ବାରିକ, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ, ନୟାଗଡ଼ ମ୍ୟୁନିସିପାଲିଟିର ଅଧକ୍ଷା ନିରୁପମା ଖଟେଇ ଓ ଉପାଧକ୍ଷା ଗୁରୁ ପ୍ରସାଦ ଜେନା, ବିଡିଓ ଭିକାରୀ ଚରଣ ସାହୁ, ପୌର ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ପ୍ରମୁଖ ଯୋଗ ଦେଇ ମେଧା ସମ୍ମାନ ପ୍ରଦାନ କରିଥିଲେ । ଅନ୍ୟପକ୍ଷେ ସିବିଏସଇ ପରୀକ୍ଷାର ଦଶମ ଶ୍ରେଣୀରେ ପାସ ଛାତ୍ରୀଛାତ୍ରଙ୍କୁ ଏହି ପୁରସ୍କାର ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

### ୬୦କେଜି ଗଞ୍ଜେଇ ଜବତ, ୪ ଗିରଫ

**ବ୍ରହ୍ମପୁର ଅଫିସ,୨୩।୭:** ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬୦କେଜି ଗଞ୍ଜେଇ ଜବତ କରିଛି। ଏ ସଂକ୍ରାନ୍ତରେ ୪ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଗୋଇନ୍ଦା ବିଭାଗ ଦକ୍ଷିଣାଞ୍ଚଳ ଡେପୁଟି କମିଶନର୍ ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଏମ୍‌ଡି ଫେଜଲ୍ ଖାନ୍, ପୀତବାସ ଗମାଙ୍ଗ, ଜିରିମାୟା ଗମାଙ୍ଗ ଓ ବେଲସେନ ଶବର। ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ୍ ଖଲ୍ଲିକୋଟ ଅଞ୍ଚଳରେ ଚଢ଼ାଉ କରିଥିଲା। ବିଭିନ୍ନ ସ୍ଥାନରୁ ୪ ସନ୍ଦିଗ୍ଧଙ୍କୁ ଅଟକ ରଖି ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ସେମାନଙ୍କ ନିକଟରୁ ଗଞ୍ଜେଇ ଜବତ ହୋଇଥିଲା।

## ପର୍ଯ୍ୟଟକଙ୍କ ସୁନାଚେନ୍ ଲୁଟ୍ ଘଟଣା, ୩ ଗିରଫ

ଗଣିଆ,୨୩।୭(ଡି.ଏନ.ଏ.)

ଶୁକ୍ରବାର ବଡ଼ମୂଳ-ଗଣିଆ ରାସ୍ତାର କେନ୍ଦୁପଲ୍ଲୀ ଛକ କାଜୁବଗିଚା ନିକଟରୁ ୨ ପର୍ଯ୍ୟଟକଙ୍କୁ ମାଡମାରି ସୁନାଚେନ୍ ଲୁଟ୍ କରିଥିବା ୩ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି । ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି । ସେମାନଙ୍କ ମଧ୍ୟରୁ ଜଣେ ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ କାଦୁଆ ଗ୍ରାମର ହୋଇଥିବା ବେଳେ ଅନ୍ୟ ୨ଜଣ କଟକ ଅଞ୍ଚଳର ବୋଲି ଜଣାପଡିଛି । ପୋଲିସ ଅଧିକ ତଦନ୍ତ ଜାରି ରଖିଥିବାରୁ ଗିରଫ ଅଭିଯୁକ୍ତମାନଙ୍କ ସମ୍ପୂର୍ଣ୍ଣ ପରିଚୟକୁ ଗୋପନ ରଖିଛି । ସୂଚନା ଅନୁଯାୟୀ, ଗତ ଶୁକ୍ରବାର ମଧ୍ୟାହ୍ନରେ ଏହି ୩ ଅଭିଯୁକ୍ତ ବାଇକ୍‌ରେ ଆସି ପର୍ଯ୍ୟଟକଙ୍କଠାରୁ ସୁନା ଚେନ୍ ଲୁଟ କରିବା ପରେ ଫେରାର ହୋଇଯାଉଥିଲେ । ହେଲେ ଆଡକଟା-ଖଣ୍ଡପଡ଼ା ରାସ୍ତାର ଗଡିଆସାହି ନିକଟରେ ଖଣ୍ଡପଡ଼ା ଓ ଗଣିଆ ପୋଲିସ ମିଳିତ ଚଢାଉ କରିଥିଲା । ଏହାଦେଖି ଲୁଟେରାମାନେ ନିକଟସ୍ଥ ଜଙ୍ଗଲକୁ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା ।

# ଭାଜପାର କାର୍ଯ୍ୟକାରିଣୀ ବୈଠକ

ନୟାଗଡ଼ ଅଫିସ,୨୩।୭

ନୟାଗଡ଼ ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଜିଲା ସଭାପତି ଲାଲା ମନୋଜ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦଳର ଜାତୀୟ ପ୍ରବକ୍ତା ସମ୍ବିତ୍ ପାତ୍ର ଯୋଗ ଦେଇ ମଣ୍ଡଳ ସଶକ୍ତୀକରଣ ଓ ବୁଥ୍ ସଙ୍ଗଠନକୁ ମଜବୁତ୍ କରିବାକୁ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷେ ଅଗଷ୍ଟ ୯ରୁ ୧୫ ତାରିଖ ମଧ୍ୟରେ ଜିଲାର ପ୍ରତିଟି ଘରେ ଯେପରି ତ୍ରିରଙ୍ଗା ଉତ୍ତୋଳନ ହେବ ସେଥି ନେଇ ଗୁରୁତ୍ୱ ଦେଇଥିଲେ । ଜିଲାରେ ବିପର୍ଯ୍ୟସ୍ତ ଆଇନକାନୁନ, ନାରୀ ନିର୍ଯାତନା ବଢ଼ିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେରଫେରି, କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ହଡପ କରୁଥିବା ଅଭିଯୋଗ ଉପରେ ଚିଠା ପ୍ରସ୍ତାବ ଆଗତ ହୋଇଛି ।



ଭାଜପା କାର୍ଯ୍ୟକାରିଣୀ ବୈଠକରେ ଜାତୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ଅନ୍ୟମାନେ ।

**ବୁଥ୍ ସଙ୍ଗଠନକୁ ମଜଭୁତ୍ କରିବାକୁ ପରାମର୍ଶ ଦେଲେ ଜାତୀୟ ପ୍ରବକ୍ତା**

ସେହିପରି ଜିଲାର କୌଣସି ମହିଳା ମହାବିଦ୍ୟାଳୟ ସରକାରୀ ମାନ୍ୟତା ନ ପାଇବା, ନୟାଗଡ଼ ମହାବିଦ୍ୟାଳୟକୁ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମାନ୍ୟତା ଦେବାରେ ପ୍ରଶାସନିକ ଅବ୍ୟବସ୍ଥା, ଜିଲାର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସ୍ୱାସ୍ଥ୍ୟସେବା ଠିକରେ ନ ମିଳିବା ଉପରେ ଆଲୋଚନା କରାଯାଇ ଅସନ୍ତୋଷ ପ୍ରକାଶ ପାଇଥିଲା । ସେହିଭଳି ବେକାରୀ ଦୂରୀକରଣ, ଜଳସେଚନ ସମସ୍ୟା, ସରକାରୀ ଅଫିସକୁ ଦୁର୍ନୀତି ମୁକ୍ତ କରିବାକୁ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଓଡିଆ ଝିଅ ଦୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପଦ ଦେବା, ଜାତୀୟ ରାଜପଥ ବିକାଶ ଯୋଜନାରେ ପର୍ଯ୍ୟାପ୍ତ ଅନୁଦାନ ମିଳୁଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ନାୟକ ଓ ସୁକାନ୍ତ ପାଣିଗ୍ରାହୀ,ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ନାରୀନେତ୍ରୀ ଇରାନୀ ରାୟ ପ୍ରମୁଖ ଏହି କାର୍ଯ୍ୟକାରିଣୀରେ ଯୋଗ ଦେଇଥିଲେ ।

## ନନ୍ଦିଘୋରରେ ଆଧ୍ୟାତ୍ମିକ ସମାବେଶ

ନୟାଗଡ଼ ଅଫିସ,୨୩।୭

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ନନ୍ଦିଘୋର ଗ୍ରାମରେ ପ୍ରଜାପିତା ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ସ୍ଥାନୀୟ ନୂତନ କାମନା ଘରଠାରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଓ ଖୁସିର ସୁପର୍ ବଜାର୍ ସମ୍ପର୍କିତ ଏକ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ନାଗପୁର ଆଶ୍ରମ ମୁଖ୍ୟ ରାଜ ଯୋଗୀ ବି. କେ. ପୁରୁଷୋତ୍ତମ, ରାଜସ୍ଥାନ ମାଉଣ୍ଟ ଆବୁ ମୁଖ୍ୟାଳୟର ରାଜଯୋଗିନୀ ବି. କେ. ପ୍ରିୟା ଭଉଣୀ ଅତିଥି ଭାବେ ଯୋଗଦେଇ କଳିଯୁଗର ମାନସିକତା, ଲୋଭ ଓ ଆଗାମୀ କାଳିର ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ । ନୟାଗଡ଼ ଆଶ୍ରମ ମୁଖ୍ୟ ବି. କେ. ମିନି ଭଉଣୀ ଅଧକ୍ଷତା କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ସୂର୍ଯ୍ୟନାରାୟଣ ଚୌଧୁରୀ, ସମିତି ସଭ୍ୟା ମାନସୀ ସ୍ୱାଇଁ ,ଫୁଲବାଣୀ ଆଶ୍ରମର ବୀରେନ୍ଦ୍ର ଚୌଧୁରୀ, ଢେଙ୍କାନାଳ ଆଶ୍ରମର ବେଣୁଧର ଭାଇ ପ୍ରମୁଖ ଯୋଗ ଦେଇଥିଲେ । ମହେଶ୍ୱର ପରିଡା, ଓଡ଼ଗାଁ ଆଶ୍ରମ ମୁଖ୍ୟ ବାସନ୍ତୀ ଭଉଣୀ, ଦିଲ୍ଲୀପ ଚୌଧୁରୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଲଗାତର ୫ ଥର ୱାର୍ଡ଼ମେମ୍ବର ଭାବେ ନିର୍ବାଚିତ ହୋଇଥିବା ଗ୍ରାମର ଅଭିମନ୍ୟୁ ରାଉତଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଲକ୍ଷ୍ମୀଧର ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ ।


ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

## ମହାନଦୀ ଘାଟରୁ ପାଣି ଉଠାଇଲେ ୧୦ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ


ଶୈବପୀଠ ଅଭିମୁଖେ ଯାଉଥିବା କାଉଡ଼ିଆମାନେ ।

ଖଣ୍ଡପଡ଼ା,୨୩।୭(ସ୍ୱ.ପ୍ର.)

**ଶୈବପୀଠ ଅଭିମୁଖେ ଲମ୍ବା ଧାଡି**

ଶ୍ରାବଣମାସ ଦ୍ୱିତୀୟ ସୋମବାର ଉପଲକ୍ଷେ କଣ୍ଟିଲୋ ନୀଳମାଧବ କ୍ଷେତ୍ର ମହାନଦୀ ଘାଟରୁ ଶନିବାର ୧୦ ହଜାରରୁ ଉର୍ଦ୍ଧ୍ୱ ବୋଲବମ୍ ଭକ୍ତ ପବିତ୍ର ପାଣି ନେଇ ବିଭିନ୍ନ ଶୈବ ପୀଠକୁ ଯାତ୍ରା ଆରମ୍ଭ କରିଛନ୍ତି । 'ବୋଲବମ୍, ହରହର ବମ୍, ଭୋଲା ବାବା ପାର କରେଗା' ଆଦି ଧ୍ୱନିରେ ଗାଁ ଦାଣ୍ଡ ଫାଟି ପଡିଥିଲା । ଏଭଳି ଦୃଶ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ବିଶେଷତଃ ବାଳକ ଓ ମହିଳାମାନେ ପାଣି ଭାର ନେଇ ଗ୍ରାମଦାଣ୍ଡରେ ଯାଉଥିବା ଦୃଶ୍ୟ ଅତୀବ ମନୋରମ ଥିଲା । ଏଥିପାଇଁ ଶନିବାରଠାରୁ କଣ୍ଟିଲୋ ବଜାର ଚଳଚଞ୍ଚଳ ହୋଇଉଠିଛି । ନୀଳମାଧବ କ୍ଷେତ୍ରରେ ବୋଲବମ୍ ଭକ୍ତଙ୍କ ପାଇଁ ଅସ୍ଥାୟୀ ବଜାର ଖୋଲା ଯାଇଛି । ସେହି ବଜାରରେ ମାଟି, ଧୂପକାଠିଠାରୁ ଆରମ୍ଭ କରି ବେଲପତ୍ର, ବାହୁଙ୍ଗି ସାମଗ୍ରୀ ଆଦି ବିକ୍ରି କରାଯାଉଛି । ହୋଟେଲ ଓ ଜଳଖିଆ ଦୋକାନରେ ଭିଡ଼ ଲାଗି ରହିଛି । ବୋଲବମ୍ ଭକ୍ତମାନଙ୍କୁ ଶୁଦ୍ଧ, ନିରାମିଷ ଖାଦ୍ୟ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି ।

## ଲିଙ୍କ୍ କ୍ଲିକ୍ ପରେ ଆକାଉଣ୍ଟରୁ ୩ ଲକ୍ଷ ଟଙ୍କା କଟିଲା

ବ୍ରହ୍ମପୁର ଅଫିସ,୨୩।୭

**ସାଇବର ଅପରାଧୀଙ୍କ ଦୌରାତ୍ମ୍ୟ**

ମୋବାଇଲକୁ ଏକ ମେସେଜ ଆସିଥିଲା ସେଥିରେ ଥିବା ଏକ ଲିଙ୍କକୁ କ୍ଲିକ କରିବା ପରେ ଦୁର୍ଗା ପ୍ରସାଦ ଦେଶୀ ବେହେରାଙ୍କ ଷ୍ଟେଟ ବ୍ୟାଙ୍କର ଆକାଉଣ୍ଟରୁ ସାଇବର ଠକମାନେ ୩ ଲକ୍ଷ ୨୪ ହଜାର ୯୮୬ ଟଙ୍କା ଠକି ନେଇଛନ୍ତି । ଏଭଳି ସାଇବର ଠକାମୀର ଶିକାର ହେବା ପରେ ସେ ବ୍ରହ୍ମପୁର ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପରେ ପୋଲିସ ନଂ.୨୪/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ୭ ଅଭିଯୁକ୍ତ ଗିରଫ ପରେ ଆଶ୍ୱସ୍ତି

ଖଣ୍ଡପଡ଼ା,୨୩।୭(ସ୍ୱ.ପ୍ର)

**ସୂର୍ଯ୍ୟ କନ୍ଧ ହତ୍ୟା ଘଟଣା**

କୁଖ୍ୟାତ ଅପରାଧୀ ସୂର୍ଯ୍ୟ କନ୍ଧ ହତ୍ୟା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସର୍ବେଶ୍ୱର ବିଶ୍ୱାଳ ଓରଫ ଭୋଳିଆଙ୍କ ସମେତ ଅଦ୍ୟାବଧି ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ଗିରଫ ହେବା ପରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ସିଂଘାପଡା, ଗଡିଆସାହି, କିଆଝର, କୋସକା, କୁମ୍ଭାରପଡା, ରୟତ ଢୋଲମରା, ବଳଭଦ୍ରପ୍ରସାଦ ଆଦି ପଞ୍ଚାୟତବାସୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି । ମୁଖ୍ୟ ଅଭିଯୁକ୍ତ ଭୋଳିଆଙ୍କ ବୟାନ ଅନୁଯାୟୀ, ପୋଲିସ ସୂର୍ଯ୍ୟ କନ୍ଧ ହତ୍ୟା ଘଟଣାରେ ସଂପୃକ୍ତ ଥିବା ଅନ୍ୟ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏହି ଘଟଣାରେ ସମ୍ପୃକ୍ତ ଆଉ ୫ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ପୋଲିସ ଭୟରେ ଫେରାର ଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି । ଫେସ୍‌ବୁକ୍, ହ୍ୱାଟ୍‌ସଆପ୍ ପରି ସାମାଜିକ ଗଣ ମାଧ୍ୟମ ଜରିଆରେ ରାଜ୍ୟ ଓ ରାଜ୍ୟ ବାହାରୁ ଏକ ନେଟୱର୍କ ଜରିଆରେ ଭୋଳିଆ ଓ ତାଙ୍କ ସହଯୋଗୀମାନେ ଗତ କିଛି ବର୍ଷ ମଧ୍ୟରେ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଆଲୋଚନା ହେଉଛି । ଗତ ଏପ୍ରିଲରେ କିଆଝର ପଞ୍ଚାୟତ ଅଧୀନ ଗୋଛାବାରୀ ଗ୍ରାମର ବ୍ୟାଙ୍କ କର୍ମଚାରୀ ନବ କିଶୋର ବେହେରାଙ୍କ ଘର ତାଲା ଭାଙ୍ଗି ଲୁଟେରାମାନେ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ଅଦ୍ୟାବଧି କେହି ଗିରଫ ହୋଇ ନ ଥିବା ବେଳେ ଏହା ପଛରେ ଭୋଳିଆଙ୍କ ସହଯୋଗୀମାନଙ୍କ ହାତ ଥିବା ପୋଲିସ ସନ୍ଦେହ କରୁଛି । ପୋଲିସ ଭୋଳିଆଙ୍କୁ ରିମାଣ୍ଡରେ ଆଣି ତାଙ୍କ କଳାକାରନାମା ସମ୍ପର୍କରେ ଖୋଳତାଡ କଲେ ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତ ପ୍ରକାଶ ପାଇଛି ।

# ଫେରିଯିବ ୧.୧୮ କୋଟି ଟଙ୍କାର ଅନୁଦାନ

ନୟାଗଡ଼ ଅଫିସ/ଖଣ୍ଡପଡ଼ା, ୨୩।୭ (ସ୍ୱ.ପ୍ର.)

■ନିର୍ମାଣ ହୋଇ ପାରିଲାନି କମନ ଫ୍ୟାସିଲିଟି ସେଣ୍ଟର
■ଖଳିସାହି ଓ କଣ୍ଟିଲୋରେ ସ୍ଥାନ ଚିହ୍ନଟକୁ ନେଇ ବିବାଦ

କଂସା ପିତଳ କାରିଗରମାନଙ୍କ ଉନ୍ନତି ତଥା ହସ୍ତଶିଳ୍ପର ବିକାଶ ନିମନ୍ତେ ଖଳିସାହି ଓ କଣ୍ଟିଲୋଠାରେ କମନ ଫ୍ୟାସିଲିଟି ସେଣ୍ଟର ନିର୍ମାଣ ପାଇଁ ଆସିଥିବା ଅନୁଦାନ ୧ କୋଟି ୧୮ ଲକ୍ଷ ୨ହଜାର ଟଙ୍କା ଫେରିଯିବ । ପ୍ରାୟ ୧୧ମାସ ହେଲା କମନ ଫ୍ୟାସିଲିଟି ସେଣ୍ଟର ପାଇଁ ଅନୁଦାନ ପଡି ରହିଥିଲେ ମଧ୍ୟ ଖଳିସାହି ଓ କଣ୍ଟିଲୋରେ ସ୍ଥାନ ଚିହ୍ନଟକୁ ନେଇ ବିବାଦ ଦେଖାଦେଇଥିଲା । ପରେ ଅନୁଦାନ ରାଶି ଖର୍ଚ୍ଚ ହେବାରେ ସମସ୍ୟା ସୃଷ୍ଟି ହୋଇଥିଲା । ସେହିପରି କୋର୍ଟଙ୍କ ସ୍ଥିତାବସ୍ଥା ଜାରି ପରେ ଅନୁଦାନ ରାଶି ଖର୍ଚ୍ଚ କରିବାରେ ବାଧା ସୃଷ୍ଟି ହୋଇଛି । ଏଭଳିସ୍ଥଳେ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଅନୁଦାନ ରାଶି ଫେରାଇ ଦେବାକୁ ନୟାଗଡ଼ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ପରେ କଂସା ପିତଳ କାରିଗରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

କଂସା ଓ ପିତଳ କାରିଗର ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ଓ ଖଳିସାହିରେ ଅଛନ୍ତି । ଏଠାରେ କଂସା ଓ ପିତଳ ଉପକରଣ ନିର୍ମାଣ ବଞ୍ଚି ରହିଛି । ସଂପୃକ୍ତ କାରିଗରମାନଙ୍କ ଉନ୍ନତି ତଥା ହସ୍ତଶିଳ୍ପର ବିକାଶ ନିମନ୍ତେ ୨ କମନ ଫ୍ୟାସିଲିଟ ସେଣ୍ଟର ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୧ କୋଟି ୧୮ ଲକ୍ଷ ୨ହଜାର ଟଙ୍କାର ଅନୁଦାନ ୨୦୨୧ ଅଗଷ୍ଟ ୧୬ ତାରିଖରେ ମଞ୍ଜୁର ହୋଇଥିଲା । ୨ କମନ ଫ୍ୟାସିଲିଟି ସେଣ୍ଟର ନିର୍ମାଣ ପାଇଁ ୫୫ ଲକ୍ଷ ୬୬ ହଜାର ୨ଶହ ଟଙ୍କା ବିଡିଓ ଖଣ୍ଡପଡାଙ୍କ ପାଖକୁ ଆସିଥିଲା । ପିତଳ ମୂର୍ତ୍ତି କାରିଗରମାନଙ୍କ ପାଇଁ ଖଳିସାହିଠାରେ ହସ୍ତଶିଳ୍ପ କେନ୍ଦ୍ର ନିର୍ମାଣ ନିମନ୍ତେ ଆବଶ୍ୟକ ସ୍ଥାନ ଯୋଗାଇ ଦେବାରେ ତହସିଲ ପ୍ରଶାସନ ବିଫଳ ହୋଇଥିଲା । ସେହିପରି କଣ୍ଟିଲୋଠାରେ ଦୀର୍ଘ ବର୍ଷରୁ ଥିବା ତାଲିମ ଓ ଉତ୍ପାଦନ କେନ୍ଦ୍ର(ଟିସିପିସି)ଠାରେ ଏହି କମନ ଫ୍ୟାସିଲିଟ ସେଣ୍ଟର ନିର୍ମାଣ ନିମନ୍ତେ ସ୍ଥାନ ଚିହ୍ନଟ ହୋଇଥିଲା । ତେବେ ଚିହ୍ନଟ ଜାଗାକୁ ନେଇ ବିବାଦ ଦେଖା ଦେଇଥିଲା । ମାମଲା ଅଦାଲତରେ ପହଞ୍ଚି ଥିଲା । କୋର୍ଟ ଏନେଇ ସ୍ଥିତିବସ୍ଥା ଜାରି ରଖିବା ପରେ ପ୍ରକଳ୍ପର କାମ ଆରମ୍ଭ ହୋଇନାହିଁ । ତେବେ କଣ୍ଟିଲୋଠାରେ ନିର୍ମାଣ ହେବାକୁ ଥିବା ଏହି ଟିସିପିସି ସ୍ଥାନକୁ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଗତ୨ଦିନ ତଳେ ପରିଦର୍ଶନରେ ଆସି ଆଲୋଚନା କରିଥିଲେ । ଜିଲାପାଳଙ୍କ ଅନୁଧ୍ୟାନ ପରେ କାରିଗରମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା । ଏହି କେନ୍ଦ୍ର ସ୍ଥାପନ ହେଲେ ଶତାଧିକ କାରିଗର ଉପକୃତ ହେବା ସହ ଉକ୍ତ ଶିଳ୍ପର ବିକାଶ ହୋଇପାରିବ । ମାତ୍ର ସମ୍ପୃକ୍ତ ଜମି ଉପରେ କୋର୍ଟଙ୍କ ସ୍ଥିତିବସ୍ଥା ଜାରି ହେବା ପରେ ଜିଲାପାଳଙ୍କ ପରିଦର୍ଶନର ସୁଫଳ ମିଳିବନି ବୋଲି କୁହାଯାଉଛି । ସେପଟେ ୧୧ମାସ ଧରି ଅନୁଦାନ ଅର୍ଥ ଜିଲା ପ୍ରଶାସନ ନିକଟରେ ପଡି ରହିବା ପରେ ତୁରନ୍ତ ଅନୁଦାନ ଅର୍ଥ ଫେରସ୍ତ କରିବା ପାଇଁ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ନୟାଗଡ଼ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ କୋର୍ଟଙ୍କ ସ୍ଥିତାବସ୍ଥା ଜାରି ଯୋଗୁ ଅନୁଦାନ ରାଶି ଫେରିବ ନାହିଁ ବୋଲି କେତେଜଣ ଆଇନଜୀବୀ ମତ ରଖିଛନ୍ତି ।

## ସଂକ୍ଷେପରେ

### ଗୋଲିଆ ଆଦର୍ଶ ବିଦ୍ୟାଳୟର ଟପ୍ପର ମୋନାଲି

ବୁଗୁଡ଼ା, ୨୩ା୭(ଡି.ଏନ୍.ଏ.):ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ମୋନାଲି ଗନ୍ତାୟତ ଦଶମ ଶ୍ରେଣୀ ସିବିଏସ୍‌ଇ ପରୀକ୍ଷାରେ ସର୍ବାଧିକ ୪୮୪ (୯୬.୮%) ମାର୍କ ହାସଲ କରି ଟପ୍ପର ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ୯୦%ରୁ ଅଧିକ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ସୁତାପା ମହାପାତ୍ର ୪୭୭ (୯୫.୪%), ତୃତୀୟ ସ୍ଥାନରେ ଶିବାଙ୍ଗୀ ମିଶ୍ର ୪୬୪ (୯୨.୮%) ଓ ଚତୁର୍ଥ ସ୍ଥାନରେ ସ୍ୱୟଂଶ୍ରୀ ହୋତା ୪୫୫(୯୧%) ରହିଛନ୍ତି। ୨୦୧୮ ମସିହାରେ ସ୍ଥାପିତ ଏହି ଆଦର୍ଶ ବିଦ୍ୟାଳୟର ୪୪ ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ପ୍ରଥମଥର ଦଶମ ଶ୍ରେଣୀ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୩୪, ଦ୍ୱିତୀୟ ଶ୍ରେଣୀରେ ୬ ଓ ତୃତୀୟ ଶ୍ରେଣୀରେ ୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ସାପ କାମୁଡ଼ାରେ ବୃଦ୍ଧା ମୃତ

ଆସିକା,୨୩ା୭(ଡି.ଏନ.ଏ.):ଆସିକା ଥାନା କେ.ନୂଆପଲ୍ଲୀ ଗ୍ରାମରେ ଶନିବାର ଅପରାହ୍ନରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଶଶି ସ୍ୱାଇଁ (୭୫)। ଶଶିଙ୍କୁ ସାପ କାମୁଡ଼ିବା ପରେ ତୁରନ୍ତ ଆସିକା ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମା'ଙ୍କର ମୃତ୍ୟୁ ଘଟିଥିବା ଶଶିଙ୍କ ପୁଅ ବାବୁଲା ସ୍ୱାଇଁ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ପରଳ ଚକ୍ଷୁ ପରୀକ୍ଷା ଶିବିର

ବୁଗୁଡ଼ା,୨୩ା୭(ଡି.ଏନ୍.ଏ.): ବୁଗୁଡ଼ା ବ୍ଲକ ତାକରଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଇକୋସ୍ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ତାକରଡ଼ା ପଞ୍ଚାୟତ ସରପଞ୍ଚ ଦିଲୀପ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲା ବେଳେ ସମିତି ସଭ୍ୟା ଜ୍ୟୋତି ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିର ଅବସରରେ ୧୦୯ ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୪୩ ଜଣ ପରଳ ଚିହ୍ନଟ ବ୍ୟକ୍ତିଙ୍କୁ ମାଗଣାରେ ଚିକିତ୍ସା କରିବା ପାଇଁ ଇକୋସ୍ ଚକ୍ଷୁ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଳୟର କ୍ୟାମ୍ପ ପ୍ରୋଗ୍ରାମ୍ ମ୍ୟାନେଜର ନଳିନୀକାନ୍ତ ରାଉତ, ଚିଫ୍ ଅପଟୋମେଟ୍ରିଷ୍ଟ ହରିଶ୍ଚନ୍ଦ୍ର ସାହୁ, ଟେକ୍ନିସିଆନ୍ ଜି.ବିନୋଦ, ପ୍ରଭାକର ପାତ୍ର ପ୍ରମୁଖ ଉକ୍ତ ଶିବିର ପରିଚାଳନା କରିଥିବା ବେଳେ ନାରାୟଣ ସେଠୀ, ଶଶାଙ୍କ ସେଠୀ ଓ ସୁଧୀର ଦାସ ପ୍ରମୁଖ ସହଯୋଗ କରିଥିଲେ।

### ମଦ ଜବତ, ବ୍ୟାପକ ପୋଚ ନଷ୍ଟ: ଜଣେ ଗିରଫ

ପାତ୍ରପୁର,୨୩ା୭(ଡି.ଏନ.ଏ.)-ପାତ୍ରପୁର ବ୍ଲକ ମାଣିକପୁର ବିଜୟପୁର ଏବଂ ତୁମ୍ବା ଛକରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମଦ ଜବତ ସହ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପାତ୍ରପୁର ତହସିଲଦାର ଅମିତ କୁମାର ନାୟକଙ୍କ ଉପସ୍ଥିତିରେ ଏହି ଚଢଉ ହୋଇଥିଲା। ମାଣିକପୁର ବିଜୟପୁର ଗ୍ରାମ ନିକଟରୁ ୩୭୦ଲିଟର ରନ୍ଧା ମଦ ଜବତ ହୋଇଥିଲା। ସେଠାରେ ମଦ ପ୍ରସ୍ତୁତି ପାଇଁ ଥିବା ୧୫.୨୦୦ ଲିଟର ପୋଚକୁ ନଷ୍ଟ କରିବା ସହ ବିଭିନ୍ନ ସରଞ୍ଜାମ ଜବତ କରାଯାଇଛି। ତୁମ୍ବାଠାରେ ମଦ ବିକୁଥିବା ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ଚଢ଼ାଉ ବେଳେ ଅବକାରୀ ବିଭାଗର ଡିଏସପି ବିଜୟ କୁମାର ଧାରୁଆ, ମିହିର କୁମାର ସେଠୀ, ତପସ୍ୱିନୀ ବରାଳ, ଜରଡା ଏସଆଇ ମେଦିନିଶ୍ୱର କହଁର ଓ ଏପିଆର କର୍ମଚାରୀମାନେ ସାମିଲ ଥିଲେ।

### ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ଫୁଲବାଣୀ ଅଫିସ, ୨୩ା୭: ଫୁଲବାଣୀ ବ୍ଲକ ଦୁବଗଡ କ୍ଲଷ୍ଟରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବ୍ଲକ ଶିକ୍ଷାଧିକାରୀ ରଞ୍ଜନ କୁମାର କହଁର ଯୋଗଦେଇ ଶିକ୍ଷାଦାନରେ ଶିକ୍ଷଣ ସାମଗ୍ରୀର ଭୂମିକା ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅମୂଲ୍ୟ କୁମାର ଜେନା, ଅଶୋକ କୁମାର ମିଶ୍ର, ଶ୍ୟାମବନ୍ଧୁ ମହାରଣା, ପ୍ରଶିକ୍ଷକ କ୍ରିଷ୍ଣା କୁମାର ଯୋଗଦେଇ ଶିକ୍ଷଣ ସାମଗ୍ରୀର ପ୍ରସ୍ତୁତି, ବ୍ୟବହାର ଉପରେ ସମସ୍ତଙ୍କୁ ଅବଗତ କରିଥିଲେ। ସିଆରସିସି ପ୍ରଦୀପ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଦକ୍ଷତାଭିତ୍ତିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଫୁଲବାଣୀ ବ୍ଲକ ସିଆରସିସି ସରୋଜ କୁମାର ପାତ୍ର, ରବୀନ୍ଦ୍ର ଦିଗାଲ, ସତିଶ ପ୍ରଧାନ, ସୁଧାଂଶୁ ବେହେରା, ଓମ୍ ସାହାଣୀ, ସରିତା ମହାରଣାଙ୍କ ସମେତ ଅନ୍ୟମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ।

# ଭୂସ୍ଖଳନ ସ୍ଥାନ ପରିଦର୍ଶନ କଲେ ପିଡି

## ନିର୍ମାଣ ହେବ ୧ କୋଟି ଟଙ୍କାର ପ୍ରକଳ୍ପ

ପାରଳାଖେମୁଣ୍ଡି,୨୩ା୭(ଡି.ଏନ.ଏ.)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ବି.କଳାକଟ ପଞ୍ଚାୟତ ଅଧୀନ ଜାଙ୍ଗରିତୁଲ ଓ ବଙ୍ଗଡ଼ିସିଂ ଗ୍ରାମ ନିକଟରେ ଗତ ରବିବାର ଭୂସ୍ଖଳନ ହୋଇଥିଲା। ଏଥିରେ ବ୍ୟାପକ କ୍ଷତି ହୋଇଥିଲା। ଭୂସ୍ଖଳନ ଅଞ୍ଚଳରେ ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରୋମାଞ୍ଚଳ ଖାମାରି, ବିଜେଡି ଜିଲା ପରିଷଦ ଅଧ୍ୟକ୍ଷ ଗାବାରା ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ବିଡିଓ ଭାସ୍କର ଚନ୍ଦ୍ର ସାହୁ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜିକା ରଶ୍ମିତା ଦାସ ଭୂସ୍ଖଳନ ସ୍ଥାନ ଜାଙ୍ଗରିତୁଲ ପରିଦର୍ଶନ କରି କ୍ଷୟକ୍ଷତି ଆକଳନର ସମୀକ୍ଷା କରିଛନ୍ତି। ପିଡି ଉକ୍ତ ଅଞ୍ଚଳରେ ଏକ କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ସହ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ସମସ୍ତ ବିଭାଗୀୟ


ଭୂସ୍ଖଳନ ଅଞ୍ଚଳ ପରିଦର୍ଶନ କରୁଛନ୍ତି ପିଡି।

ଅଧିକାରୀମାନଙ୍କୁ କହିଛନ୍ତି। ପ୍ରକଳ୍ପ ମଧ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜମିର ବିକାଶ ନିମନ୍ତେ ୨୦ଲକ୍ଷ, ୨ଟି ସୁରକ୍ଷା କାନ୍ଥ ପାଇଁ ୨୦ଲକ୍ଷ, ୩ଟି କଲଭର୍ଟ ପାଇଁ ୨୦ ଲକ୍ଷ, ଏମ୍‌ଆଇ ବିଭାଗ ପକ୍ଷରୁ ଚେକ୍ ଡ୍ୟାମ୍ ନିମନ୍ତେ ୨୦ ଲକ୍ଷ ଓ ଆରଡି ବିଭାଗ ତରଫରୁ ରାସ୍ତା ଓ ଡ୍ରେନ ପାଇଁ ୨୦ଲକ୍ଷ ଏପରି ମୋଟ ଏକ କୋଟି ଟଙ୍କାର କାର୍ଯ୍ୟ ହେବ ବୋଲି ପିଡି କହିଛନ୍ତି। ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଅଞ୍ଚଳବାସୀଙ୍କ ଅସୁବିଧା ସମୟରେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଥିବାରୁ ସ୍ଥାନୀୟ ସରପଞ୍ଚ ଶୁଭନିତା ରଇତ ଓ ଗ୍ରାମବାସୀ ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ରାଓ କ୍ଷତି ସହିଥିବା ଚାଷୀ ଓ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି।

# ଲଘୁ ଖଣିଜ ଚାଲାଣ ରୋକିବାକୁ ନିର୍ଦ୍ଦେଶ

ଛତ୍ରପୁର,୨୩ା୭(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଥିବା ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ରୋକିବା ସକାଶେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା କଡା ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଜଙ୍ଗଲ ଜମି ଅଞ୍ଚଳରେ ରହୁଥିବା ସୈରାତ୍ ଉତ୍ସଗୁଡିକର ଚୋରା ଚାଲାଣ ଯେଭଳି ନ ହେବ ସେଥିସକାଶେ ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ଏବଂ ପୋଲିସ ବିଭାଗର ମିଳିତ ସହଯୋଗକ୍ରମେ କଡା ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ଜଣାଇଛନ୍ତି। ମିଳିତ ବୈଠକରେ ଜିଲାପାଳ ମାଜିଷ୍ଟ୍ରେଟ, ପୋଲିସ ଓ ଜଙ୍ଗଲ ବିଭାଗ ଦ୍ୱାରା ଚଢାଉ କାର୍ଯ୍ୟକୁ ବ୍ୟାପକ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୈରାତ ଉତ୍ସଗୁଡିକରୁ ରାତିରେ ଉତ୍ତୋଳନ ଓ ଚାଲାଣ ହେଉଥିବା ହେତୁ ରାତ୍ରିକାଳୀନ ମିଳିତ ଚଢାଉ କାର୍ଯ୍ୟକୁ ବ୍ୟାପକ କରାଯିବ। ଓଡିଶା ଲଘୁଜାତ ଦ୍ରବ୍ୟ ଆଇନ, ମୋଟରଯାନ ଆଇନ ଓ ସିଆର୍‌ପିସି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ପ୍ରତି ସପ୍ତାହରେ ତହସିଲଦାରଙ୍କ ଦ୍ୱାରା ସମନ୍ୱୟ ବୈଠକ ହେବ ଏବଂ ଉପଖଣ୍ଡ ଏହାର ପରିଚାଳନା ଦିଗରେ ପଦକ୍ଷେପ ଗ୍ରହଣ କରିବ। କ୍ରଶର ଓ ଇଟାଭାଟିଗୁଡିକୁ ସର୍ତ୍ତ ମୁତାବକ ଚାଲିଛି ନା ନାହିଁ ସେ ଦିଗ ପ୍ରତି ମଧ୍ୟ ତଦନ୍ତ ହେବ । ବୈଠକରେ ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ସମେତ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ପ୍ରଶାସନ, ଉପ ଜିଲାପାଳ, ବ୍ରହ୍ମପୁର ଏବଂ ଭଞ୍ଜନଗର ଜଙ୍ଗଲ ବିଭାଗ ଅଧିକାରୀ, ସମସ୍ତ ଉପଖଣ୍ଡ ପୋଲିସ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ଜଙ୍ଗଲ ବିଭାଗୀୟ ରେଞ୍ଜ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସମିତିସଭ୍ୟଙ୍କୁ ଆକ୍ରମଣ ମାମଲା, ୱାର୍ଡସଭ୍ୟ ଗିରଫ

ଗୋପାଳପୁର, ୨୩ା୭(ଡି.ଏନ୍.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ କୁଠାରସିଂ ପଞ୍ଚାୟତ ସମିତି ସଭ୍ୟଙ୍କୁ ଆକ୍ରମଣ କରିବା ମାମଲାରେ ଗୋଳନ୍ଥରା ଥାନା ପୋଲିସ ଶନିବାର ଜଣେ ୱାର୍ଡସଭ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କୁଠାରସିଂ ଗ୍ରାମର ଏନ୍. ନିମେୟା ରେଡ୍ଡୀ (୪୦)। ଖବର ଅନୁସାରେ, କୁଠାରସିଂ ପଞ୍ଚାୟତର ସମିତି ସଭ୍ୟ ଆଶିଷ ରାଉଳଙ୍କ ସହ ଗତମାସ ୧୦ ତାରିଖରେ ପଞ୍ଚାୟତ ସଭାରେ ଚାଉଳ ବଣ୍ଟନକୁ ନେଇ କୁଠାରସିଂ ଗ୍ରାମର ନିମେୟାଙ୍କ ପାଟିତୁଣ୍ଡ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଗୋଳନ୍ଥରା ଚଟି ନିକଟରେ ଆଶିଷ ଜଳଖିଆ ଖାଉଥିବା ବେଳେ ନିମେୟା ସେଠାରେ ପହଞ୍ଚିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନିମେୟା ଆଶିଷଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଆଶିଷ ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୨୫୪/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଶନିବାର ଅଭିଯୁକ୍ତଙ୍କ ଗିରଫ ଦାବିରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଥାନାରେ ଅଡ଼ି ବସିଥିଲେ। ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଗ୍ରାମରେ ଚଢ଼ାଉ କରି ନିମେୟାଙ୍କୁ କାବୁ କରିବା ସହ କାର୍ଟଚାଲାଣ କରିଛନ୍ତି।ଅପରପକ୍ଷରେ ଆଶିଷ ମଧ୍ୟ ନିମେୟାଙ୍କୁ ଗାଳିଗୁଲଜ କରିଥିଲେ ବୋଲି ନିମେୟା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ ୨୫୭/୨୨ରେ ପାଲଟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ କହିଛନ୍ତି।

# ବାର୍‌ହା ଆକ୍ରମଣରେ ଜଣେ ମୃତ

ଫୁଲବାଣୀ ଅଫିସ,୨୩ା୭

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ଜିରିଙ୍ଗପଡା ଗାଁର ଜଣେ ବ୍ୟକ୍ତି ବାର୍‌ହା ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମନ କହଁର (୫୫)। ମନ ବିଲକୁ ହଳ କରିବା ପାଇଁ ଯାଇଥିବା ବେଳେ ହଠାତ୍ ଏକ ବାର୍‌ହା ଆସି ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ବିଲରୁ ଉଦ୍ଧାର କରି ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମନଙ୍କର ମୃତ୍ୟୁ ଘଟିଥିଲା।

# ରାସ୍ତା ଉପରୁ ଉଚ୍ଛେଦ ହେଲା ୧୦ରୁ ଊର୍ଦ୍ଧ୍ୱ ମହୁମାଛି ଘର


ଉଚ୍ଛେଦ କରାଯାଉଛି ମହୁମାଛି ଘର।

ଖଲ୍ଲିକୋଟ,୨୩ା୭(ଡି.ଏନ.ଏ.)

ଖଲ୍ଲିକୋଟରୁ ନିର୍ମଳଝର ଯିବା ରାସ୍ତାରେ ଆର୍‌ସିଏମ୍ କଲେଜ ନିକଟରେ ଥିବା ଏକ ଗଛ ଡାଳରେ ଦୀର୍ଘ ବର୍ଷ ହେଲା ରହିଥିବା ୧୦ରୁ ଊର୍ଦ୍ଧ୍ୱ ମହୁମାଛି ଘରକୁ ଶନିବାର ଉଚ୍ଛେଦ କରାଯାଇଛି। ଆସିକା-ଭୁବନେଶ୍ୱର ମୁଖ୍ୟ ରାସ୍ତା ହୋଇଥିବାରୁ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହଶହ ଗାଡିମୋଟର ଯାତାୟାତ କରୁଥିବା ବେଳେ ମହୁମାଛି ଆକ୍ରମଣରେ ଅନେକ ସମୟରେ ବହୁ ଯାତ୍ରୀ ଓ କଲେଜ ଛାତ୍ରୀଛାତ୍ର ଆହତ ହୋଇ ମେଡ଼ିକାଲରେ ଚିକିତ୍ସିତ ହୋଇଥିବା ନଜିର ରହିଛି। ଏହି ସ୍ଥାନରୁ ମହୁମାଛି ଘରକୁ ଉଚ୍ଛେଦ କରିବା ପାଇଁ ବାରମ୍ବାର ଦାବି ହେଉଥିଲା ଏବଂ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ମଧ୍ୟ ହୋଇଥିଲା। ତେବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଓ ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରାଙ୍କ ପ୍ରଚେଷ୍ଟାରେ ଶନିବାର ଉକ୍ତ ସ୍ଥାନରେ ଥିବା ଗଛ ଉପରୁ ମହୁମାଛି ଘର ଗୁଡ଼ିକ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ସମୟରେ ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା ଉପସ୍ଥିତ ଥିଲେ। ଜନସାଧାରଣଙ୍କ ଆତଙ୍କର କାରଣ ପାଲଟିଥିବା ଏହି ମହୁମାଛି ଘର ଗୁଡିକ ଉଚ୍ଛେଦ କରାଯାଇଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଖଲ୍ଲିକୋଟ ରେଞ୍ଜର ସହ ବନବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ବହୁ ପରିମାଣର ମହୁ ସଂଗ୍ରହ ହୋଇଥିଲା।

# ସିରିଜ ଚୋରି, ଏରେଗୁଲା ଗ୍ୟାଙ୍ଗ୍‌ର ୪ ଗିରଫ

## ୨୮ ଅଳଙ୍କାର ଓ ୨୦ ହଜାର ଟଙ୍କା ଜବତ

ଖଲ୍ଲିକୋଟ, ୨୩ା୭(ଡି.ଏନ୍.ଏ.)

ଗତ କିଛିଦିନ ଧରି ଖଲ୍ଲିକୋଟ ଅଞ୍ଚଳରେ ଘନ ଘନ ଚୋରି ଘଟଣା ପୋଲିସର ନିଦ ହଜାଇ ଦେଇଛି। ଚୋରମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଚୋରି ଓ ଲୁଟ୍ କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେବାରୁ ପୋଲିସ ଚଢ଼ାଉ କରିବା ପରେ ଶନିବାର ୪ ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରମ୍ଭା ଥାନା ଅନ୍ତର୍ଗତ ଅଇଁଠାବଣ ଗ୍ରାମର ପି. ଦୀପକ, ଟି. ବାବୁଲା, ଜେ. ଚିଙ୍ଗୁଡ଼ିଆ ଓ ଜେ. ମାୟାଧର। ଏମାନେ ସମସ୍ତେ ଏରେଗୁଲା ସମ୍ପ୍ରଦାୟର ବୋଲି ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି। ସେମାନଙ୍କ ନିକଟରୁ ଗୋଟିଏ ସୁନା ନେକ୍‌ଲେସ, ୨ଟି ସୁନାଚେନ୍, ଗୋଟିଏ ସୁନା ଲକେଟ, ୭ଟି ସୁନା କାନଫୁଲ, ୮ଟି ସୁନାମୁଦି, ଗୋଟିଏ ରୁପା ଖଡୁ, ୪ଟି ରୁପା ଆଙ୍କ୍‌ଲେଟ, ୪ଟି ରୁପାମୁଦି ଓ ନଗଦ ୨୦ ହଜାର ଟଙ୍କା ଜବତ କରାଯାଇଛି।

ଗତ ଜାନୁୟାରୀ ୨୮ରେ ଖଲ୍ଲିକୋଟ ହାଟ


ଗିରଫ ଅଭିଯୁକ୍ତ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ପଡ଼ିଆରେ ରହୁଥିବା ବସନ୍ତ ସେଠୀଙ୍କ ଘରୁ, ଏପ୍ରିଲ ୪ରେ କେଶପୁରର ଜଣଙ୍କ ଘରୁ, ଜୁନ୍ ୬ରେ ମହେଶ୍ୱରପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିଲା। ସେହିପରି ଗତ ଜୁନ୍ ୨୭ରେ ଓମ୍ ଶାନ୍ତି ନଗରରେ ରହୁଥିବା ରାଜେନ୍ଦ୍ର ରାଉତଙ୍କ ଘରୁ ଓ ଜୁଲାଇ ୮ରେ ନିର୍ମଳଝର ଆର୍‌ସିଏମ୍ କଲେଜ ନିକଟରେ ରହୁଥିବା ବୁଲୁ ପାଢ଼ୀଙ୍କ ଘରୁ, ଜୁଲାଇ ୧୦ରେ ଧୋବାସାହିର ସୁବାସ ଚନ୍ଦ୍ର ସେଠୀଙ୍କ ଘରୁ ଚୋରି ହୋଇଥିଲା। ଏହିସବୁ ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶନିବାର ଖଲ୍ଲିକୋଟ ପୋଲିସ ୪ ଚୋରଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏମାନେ ପୂର୍ବରୁ ଚୋରି କେସ୍‌ରେ ଗିରଫ ହୋଇ ଜେଲରେ ରହି ଫେରିଥିବା ଆଇଆଇସି ସୂଚନା ଦେଇଛନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଚେଷ୍ଟା ଜାରି ରହିଛି ବୋଲି ଆଇଆଇସି ମଲ୍ଲିକ କହିଛନ୍ତି।

# ସିପିଆଇ ଯୁବନେତାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଛତ୍ରପୁର,୨୩ା୭(ଡି.ଏନ.ଏ.)

ସିପିଆଇ ଯୁବ ନେତା ସାକୁରା ବେହେରାଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶନିବାର ସ୍ଥାନୀୟ ଶିବ କୁମାର ରିଡିଂ ରୁମ୍ ପରିସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାକୁରାଙ୍କ ସାନଭାଇ ଟିଙ୍କୋରା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ସାମାଜିକ କର୍ମୀ କେ. ଚନ୍ଦ୍ର ଶେଖର ରାଓ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସିପିଆଇ ନେତା ଡି. ଆଦି ନାରାୟଣ ରେଡ୍ଡୀ, ଚମାଖଣ୍ଡି ସରପଞ୍ଚ ସିଏଚ.ମନୋଜ କୁମାର ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ସିଏଚ୍. ଜନାର୍ଦ୍ଦନ ରେଡ୍ଡୀ, ସିପିଆଇ ଜିଲା ସହସମ୍ପାଦକ ନୀଳକଣ୍ଠ ଦାଶ, ଛତ୍ରପୁର ଜୋନ ସମ୍ପାଦକ ଏସ୍. କ୍ରିଷ୍ଣା ରେଡ୍ଡୀ, ଗଞ୍ଜାମ ଜୋନ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ରହି ସାକୁରାଙ୍କ ଫଟୋଚିତ୍ରରେ ମାଲ୍ୟର୍ପଣ କରି ରକ୍ତଦାନ ଶିବିରକୁ ଶୁଭାରମ୍ଭ କରିଥିଲେ । ଶିବିରରେ ମୋଟ ୧୧୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ମଧ୍ୟ ଏକ ଶ୍ରଦ୍ଧାଞ୍ଜଳି ସଭା ଆଇନଜୀବୀ ଡି. ଆଦି ନାରାୟଣ ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।

# ବିଜେଡିର ବିଜୟ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୨୩ା୭(ଡି.ଏନ.ଏ.)

ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଶନିବାର ସନ୍ଧ୍ୟାରେ ଦଳୀୟ କାର୍ଯ୍ୟାଳୟ ଠାରେ ବିଜୟ ଉତ୍ସବ ପାଳନ କରାଯାଇଛି। ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତ୍ୟାଗପୁତ ପ୍ରୟାସ ଓ ଭୂମିକାକୁ ପ୍ରଶଂସା କରାଯିବା ସହ କୃତଜ୍ଞତା ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଶିବ ନାହାକ, ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ବରିଷ୍ଠ ଯୁବନେତା ଭଗବାନ ସାହୁ, ଦିଲୀପ ପାଣିଗ୍ରାହୀ, ସତ୍ୟନାରାୟଣ ସ୍ୱାଇଁ, ଏନଏସି ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା, ଜିଲାପରିଷଦ ସଦସ୍ୟଙ୍କ ପ୍ରତିନିଧି ଅନିଲ କୁମାର ନାହାକ, ବିଜୟ କୁମାର ନାହାକ, ଅଭିମନ୍ୟୁ ନାହାକ, ବିଦ୍ୟାନ୍ତ କୁମାର ଚର୍ଚ୍ଚି, ନିଗମାନନ୍ଦ ମହାନ୍ତି, ନିଗମାନନ୍ଦ ରାଉତଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

# ପିଡିଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

ଧରାକୋଟ,୨୩ା୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) କୀର୍ତ୍ତି ଭାସନ ଭି ଧରାକୋଟ ବ୍ଲକରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଅତିରିକ୍ତ ବିଡିଓ ସୁଶିଲ ପଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସଚନ୍ଦ୍ର ସ୍ୱାଇଁ ଓ କନିଷ୍ଠ ଯନ୍ତ୍ରୀ ଦୀପ୍ତି ରେଖା ନାଥଙ୍କ ସହ ମିଶି ରୁଗୁମୁ ପଞ୍ଚାୟତ ସଦର ମହକୁମାରେ ପହଞ୍ଚି ସେଠାରେ ଚାଲିଥିବା ୨୦ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳର ଅମୃତ ସରୋବର ଖନନ କାର୍ଯ୍ୟକୁ ଦେଖିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ କୁଶଳୀ ଓ ଅଣ କୁଶଳୀ ଶ୍ରମିକଙ୍କ ଦ୍ୱାରା ଏହି ସରୋବର ନିର୍ମାଣ ଚାଲିଛି। ରଗୁମୁ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ପୂର୍ବତନ ସରପଞ୍ଚ ସୁଧାକର ସ୍ୱାଇଁ, ଗ୍ରାମ୍ୟ ରୋଜଗାର ସେବକ, ଗାଁ ସାଥି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ କରୁଥିବାରୁ ପ୍ରକଳ୍ପ ନିର୍ଦ୍ଦେଶକ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ରୁଗୁମୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର କର୍ମଶାଳା


ଅମୃତ ସରୋବର ଖନନ କାର୍ଯ୍ୟ ଦେଖୁଛନ୍ତି ପିଡି।

ହେବା ପାଇଁ ଉପଯୁକ୍ତ ସ୍ଥାନ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ କରିଥିଲେ। ଧରାକୋଟ ବ୍ଲକର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୫ଟି ଉଚ୍ଚ ବିଦ୍ୟାଳୟ ସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରୂପାନ୍ତରି କରଣ କାର୍ଯ୍ୟ ସରିଛି। ସମ୍ପ୍ରତି ତୃତୀୟ ପର୍ଯ୍ୟାୟରେ ବ୍ଲକର ଓସ୍ତା, ଗମ୍ଭାରୀ ଗୁଡ଼ା, ହରିପୁର ଓ ମୁଣ୍ଡ ମରାଇ ବାଳିକା ଉଚ୍ଚ ବିଦ୍ୟାଳୟର ରୂପାନ୍ତରିକରଣ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ସରକାର ପ୍ରତି ବିଦ୍ୟାଳୟକୁ ୪୫ ଲକ୍ଷ୍ୟ ଟଙ୍କା ଲେଖାଏ ମଞ୍ଜୁର କରିଛନ୍ତି। ତୁରନ୍ତ ଏହାର ନିର୍ମାଣ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ଏହାପରେ ବ୍ଲକର ଅନ୍ୟାନ୍ୟ ନିର୍ମାଣାଧୀନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ।